# ନାରୀ ଶକ୍ତିର ଜୟଗାନ
# ଜିଲ୍ଲାବ୍ୟାପୀ ଉତ୍ସାହର ସହ ପାଳିତ ହେଲା ବିଶ୍ୱ ମହିଳା ଦିବସ

"ନାରୀ ହିଁ ଶକ୍ତି, ନାରୀ ହିଁ ପ୍ରେରଣା' ଏହି ସଂକଳ୍ପକୁ ନେଇ ଆଜି ସମଗ୍ର ଜିଲ୍ଲାରେ ବିଶ୍ୱ ମହିଳା ଦିବସ ଅତି ଆଡମ୍ବର ସହକାରେ ପାଳିତ ହୋଇଯାଇଛି । ସହରଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ବିଭିନ୍ନ ସରକାରୀ, ବେସରକାରୀ ସଂଗଠନ ଏବଂ ସାମାଜିକ ଅନୁଷ୍ଠାନ ପକ୍ଷରୁ ମହିଳାମାନଙ୍କ ସମ୍ମାନାର୍ଥେ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଛି । ସମାଜ ଗଠନରେ ମହିଳାଙ୍କ ଅତୁଳନୀୟ ଅବଦାନକୁ ସ୍ୱୀକୃତି ଦେବା ସହ ସେମାନଙ୍କ ସାମାଜିକ, ଆର୍ଥିକ ଏବଂ ସାଂସ୍କୃତିକ ସଶକ୍ତିକରଣ ଉପରେ ଏହି ଅବସରରେ ଗୁରୁତ୍ୱାରୋପ କରାଯାଇଛି । ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ପ୍ରତିଭାବାନ ମହିଳାମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ସେମାନଙ୍କ ଅଧିକାର ଓ ସୁରକ୍ଷା ପାଇଁ ସଚେତନତା ଶୋଭାଯାତ୍ରା ଓ ଆଲୋଚନା ଚକ୍ର ମଧ୍ୟ ଅନୁଷ୍ଠିତ ହୋଇଛି । ଜିଲ୍ଲାର କୋଣ ଅନୁକୋଣରେ ନାରୀ ଶକ୍ତିର ଏହି ମହାନ ଉତ୍ସବ ଆଜି ଏକ ନିଆରା ଉନ୍ମାଦନା ସୃଷ୍ଟି କରିଛି ।

## ■ ଆଦର୍ଶ ମହିଳା-୨୦୨୬ କାର୍ଯ୍ୟକ୍ରମ

ଚୌଦ୍ୱାର,୮।୩(ସମିସ): ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ଟାଙ୍ଗୀ-ଚୌଦ୍ୱାର ଆଞ୍ଚଳିକ ସାମ୍ବାଦିକ ସଂଘ ପକ୍ଷରୁ ଆଦର୍ଶ ମହିଳା-୨୦୨୬ ଉତ୍ସବ ଆୟୋଜିତ ହୋଇଯାଇଛି । ସଂଘ ସଭାପତି ସତ୍ୟବ୍ରତ ଦାସଙ୍କ ପୌରହିତ୍ୟରେ ଗାନ୍ଧୀଛକସ୍ଥିତ ପୌର ଟାଉନ୍‌ହଲରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ୟୁଥ ରେଡକ୍ରସ୍ ଆବାହକ ସମ୍ପାଦକ ଡ. ସସ୍ମିତା



ପଟ୍ଟନାୟକ, ଜିଲ୍ଲା ପରିଷଦ ସଦସ୍ୟା ଜ୍ୟୋତ୍ସ୍ନାରାଣୀ ସୁବୁଦ୍ଧିରାୟ, ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ଶିକ୍ଷାବିତ୍ ଗଣେଶ ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇ ସମାଜରେ ମହିଳାଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦାନ ପୂର୍ବକ ସେମାନଙ୍କୁ ସ୍ୱାବଲମ୍ବୀ କରି ପାରିଲେ ଏକ ସୁସ୍ଥ ସମାଜ ପ୍ରତିଷ୍ଠା ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଓ କାର୍ଯ୍ୟରତ ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଞ୍ଜୀବ ତିୱାରୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ଦିବଙ୍ଗତ ପଦ୍ମଶ୍ରୀ ଉତ୍ସବ ଚରଣ ଦାସଙ୍କ ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା । ଶିବବ୍ରତ ଦାସ, ଦୀପକ ବେଉରା, କୁନା ନାୟକ, ପରିକ୍ଷୀତ ଲେଙ୍କା, ରାକେଶ ନାୟକ, ନବୀନ ରାଓ ପ୍ରମୁଖ ସହଯୋଗ କରିଥିଲେ । ସମ୍ପାଦକ ମାନସ ପରିଡ଼ା ଧନ୍ୟବାଦ ଦେଇଥିଲେ ।

## ■ ଆନ୍ତର୍ଜାତିକ ମହିଳା ଦିବସରେ ସମ୍ବିଧାନ ସୁରକ୍ଷା ଦାବି

ଟାଙ୍ଗୀ,୮।୩(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ଭଟିମୁଣ୍ଡା ପଞ୍ଚାୟତ ମଧୁସେତୁ ନିକଟରେ ମାଳତୀ ଚୌଧୁରୀ ମହିଳା ସଂଗଠନ, ମଧ୍ୟାହ୍ନ ଭୋଜନ ପାଚିକା ସଂଘ ଓ କର୍ମଜୀବୀ ମହିଳା ସଂଗଠନ ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସକୁ ସମ୍ବିଧାନ




ସୁରକ୍ଷା ଦାବି ଦିବସ ଭାବେ ରବିବାର ପାଳନ କରାଯାଇଛି । ମାଳତୀ ଚୌଧୁରୀ ସଂଗଠନ ସଭାନେତ୍ରୀ ଅଲିଭା ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ପ୍ରାକ୍ତନ ଅର୍ଥମନ୍ତ୍ରୀ ଓ ବିଦ୍ୟୁତ୍ ଉପଭୋକ୍ତା ମହାସଂଘ ରାଜ୍ୟ ସଭାପତି ପଞ୍ଚାନନ କାନୁନ୍‌ଗୋ ମୁଖ୍ୟଅତିଥି, ସିଟୁର ରାଜ୍ୟ ସଂଯୋଜିକା ପୁଷ୍ପା ଦାଶ ମୁଖ୍ୟବକ୍ତା, ସିପିଆଇ(ଏମ୍) ନେତା ବଦ୍ରି ନାରାୟଣ ଦାଶ, ସ୍ଥାନୀୟ ୟୁନିୟନ ବ୍ୟାଙ୍କ ପରିଚାଳକ ବିକାଶ ସ୍ୱାଇଁ, ଗଣତାନ୍ତ୍ରିକ ମହିଳା ସମିତି କଟକ ଜିଲ୍ଲା ସଂପାଦିକା ବୁଲି ସାହୁ ଓ କୃଷକ ସଭା ଜିଲ୍ଲା ସଂପାଦକ ଡମ୍ବରୁଧର ସାହୁ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ସାମ୍ବିଧାନିକ ସମସ୍ୟା ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ସାମ୍ବାଦିକ ନିରାକାର ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ସଂପାଦିକା ଲକ୍ଷ୍ମୀପ୍ରିୟା ବେହେରା ଧନ୍ୟବାଦ ଦେଇଥିବାବେଳେ ୫ ଶହରୁ ଉର୍ଦ୍ଧ୍ୱ ମହିଳା ଅଂଶଗ୍ରହଣ କରିଥିଲେ ।

## ■ ନବପ୍ରଭାତ ଇନ୍‌ଷ୍ଟିଚ୍ୟୁଟ୍

ସାଲେପୁର,୮ ।୩(ସମିସ): ଆଜି ନବପ୍ରଭାତ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ ଓ ସାଲେପୁର ତାଲୁକ୍ ଆଇନ୍‌ସେବା ପ୍ରାଧିକରଣ ମିଳିତ ଆନୁକୂଲ୍ୟରେ ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି । ଅନୁଷ୍ଠାନର ପ୍ରତିଷ୍ଠାତା ଇଂ. ମାନଗୋବିନ୍ଦ ପଣ୍ଡାଙ୍କ




ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ସାଲେପୁର ତାଲୁକ୍ ଆଇନ୍‌ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ସାଲେପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ସରୋଜ ଦାଶ, ମୁଖ୍ୟବକ୍ତା ରୂପେ ସିନିୟର ସିଭିଲ୍ ଜଜ୍ ତଥା ଆସିଷ୍ଟାଣ୍ଟ ସେସନ୍ ଜଜ୍ ମଳୟ ପ୍ରଧାନ, ସମ୍ମାନିତ ଅତିଥି ରୂପେ ଜେଏମ୍‌ଏଫ୍‌ସି ନିଶ୍ଚିନ୍ତକୋଇଲି ରିତି ତ୍ରିପାଠୀ, ସାଲେପୁର ଏସ୍.ଡି.ପି.ଓ. ବିରଞ୍ଚିନାରାୟଣ ପତି, ଆଇନ୍‌ଜୀବୀ ରବିନ୍ଦ୍ର ପଣ୍ଡା, ସାଲେପୁର ବାର ଆସୋସିଏସନ୍ ସଭାପତି ବିକ୍ରମ କେଶରୀ ବଳ, ସଂପାଦକ ଭାସ୍କର ଚନ୍ଦ୍ର ବେହେରା, ଅଧ୍ୟାପକ ଶଶାଙ୍କ ଶେଖର ଶାନ୍ତି, ଅଧ୍ୟାପକ ହିମାଂଶୁ ମୋହନ ବାରିକ ପ୍ରମୁଖ ଯୋଗଦେଇ ମହିଳା ଦିବସର ଆଭିମୁଖ୍ୟ ଓ ତାତ୍ପର୍ଯ୍ୟ ସଂପର୍କରେ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଅରୁଣଜିତ୍ ମହାପାତ୍ର, ଜିତେନ୍ଦ୍ର ଜେନା, ମହେଶ୍ୱର ବାରିକ, ପ୍ରଦୀପ୍ତ ନାୟକ, ଦେବାଶିଷ ସାହୁ, ଅଲେଖ ସେଠୀ ପ୍ରମୁଖ ପରିଚାଳନା କରିଥିଲେ ।

## ■ ନିଶ୍ଚିନ୍ତକୋଇଲି



ନିଶ୍ଚିନ୍ତକୋଇଲି,୮।୩(ସମିସ): ନିଶ୍ଚିନ୍ତକୋଇଲି ପଞ୍ଚାୟତ କାର୍ଯ୍ୟାଳୟ କଲ୍ୟାଣ ମଣ୍ଡପଠାରେ ଅଗ୍ରଣୀ ମହିଳା ସଂଗଠନ ନାରୀ ଜାଗରଣ ସଂଘ ଓ ଭାରତ ସରକାରଙ୍କ କ୍ରୀଡା ଓ ଯୁବବ୍ୟାପାର ମନ୍ତ୍ରଣାଳୟର ମୋ ଭାରତ କଟକ ଶାଖା ମିଳିତ ଆନୁକୂଲ୍ୟରେ ଆର୍ନ୍ତଜାତୀୟ ମହିଳା ଦିବସ ପାଳିତ ହୋଇଛି । ସଂଘର ସଂପାଦିକା ସବିତା ଶତପଥିଙ୍କ ପୌରହିତ୍ୟରେ ଏଥିରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ଉତ୍କଳଜ୍ୟୋତି ରଘୁନାଥ ମହାନ୍ତି, ମୁଖ୍ୟବକ୍ତା ଭାବେ ପୂର୍ବତନ ସରପଞ୍ଚ ଦେବେନ୍ଦ୍ର ସାହୁ, ସମ୍ମାନୀତ ଅତିଥି ଭାବେ ସ୍ୱେଚ୍ଛାସେବିକା ଅନିତା କର, କବିତା ପଣ୍ଡା, ବିଦ୍ୟୁତପ୍ରଭା ସାହୁ, ସୁଭଦ୍ରା ବେହେରା, ଶାନ୍ତନୁ ସାହୁ ପ୍ରମୁଖ ଯୋଗଦେଇ ସମାଜରେ ମହିଳାମାନଙ୍କୁ ସୁରକ୍ଷା ଦେବା ପାଇଁ ଆଇନ ଶୃଙ୍ଖଳାର କି କି ବ୍ୟବସ୍ଥା ରହିଛି ସେ ସଂକ୍ରାନ୍ତରେ ଆଲୋକପାତ କରିବା ସହିତ ନାରୀ ଶିକ୍ଷିତ ଓ ସଂସ୍କୃତି ସଂପନ୍ନ ହେଲେ ଶୃଙ୍ଖଳିତ ସମାଜ ଗଠନ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ସଭାରେ ଉପସ୍ଥିତ ମହିଳାଙ୍କୁ ଶ୍ରୀମଦ୍ ଭଗବତ ଗୀତା ପୁସ୍ତକ ବଣ୍ଟନ କରାଯାଇଥିଲା । ସଂଘର ସଭାନେତ୍ରୀ ଜ୍ୟୋତ୍ସ୍ନାମୟୀ ସାହୁ ଧନ୍ୟବାଦ ଦେଇଥିଲେ ।

## ■ ଅସୁରେଶ୍ୱରରେ ଥାନା ଅଧିକାରୀଙ୍କୁ ସମ୍ବର୍ଦ୍ଧନା

ନିଶ୍ଚିନ୍ତକୋଇଲି: ନିଶ୍ଚିନ୍ତକୋଇଲି ଥାନାରେ ନୂତନ ଭାବେ ଜଣେ ମହିଳା ଥାନା ଅଧିକାରୀ ଯୋଗଦାନ କରିଥିବାରୁ ଆର୍ନ୍ତଜାତୀୟ ମହିଳା ଦିବସ ଅବସରରେ ତାଙ୍କୁ ଅସୁରେଶ୍ୱର ପଞ୍ଚାୟତ ପକ୍ଷରୁ ଉତ୍ତରୀୟ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି । ସରପଞ୍ଚ ଗୌତମୀ ଦାସଙ୍କ ସଭାପତିତ୍ୱରେ ଏହି ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟଅତିଥି ଭାବେ ଥାନା ଅଧିକାରୀ ଅନୀତା ସାହୁ ଯୋଗଦେଇ ପୁଲିସ ସବୁବେଳେ ଲୋକମାନଙ୍କ ସେବା ପାଇଁ ରହିଛି । ବିଭିନ୍ନ ଅସୁବିଧା ସମୟରେ ନିର୍ଭୟ ଓ ନିର୍ଦ୍ୱନ୍ଦ୍ୱରେ ପୁଲିସକୁ ଫୋନ୍ କଲେ ସେ ଲୋକମାନଙ୍କ ପାଖରେ ପହଞ୍ଚିବେ ବୋଲି ପ୍ରକାଶ କରି ସାଇବର ଅପରାଧ କିଭଳି ବନ୍ଦ୍ ହେବ ସେ ନେଇ ଉପସ୍ଥିତ ଲୋକମାନଙ୍କୁ ସଚେତନ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ଏଏସ୍‌ଆଇ ଉଦୟ ଦାସ, ନାଏବ ସରପଞ୍ଚ ଲକ୍ଷ୍ମୀପ୍ରିୟା ପରିଡା, ସମାଜସେବୀ ଅନନ୍ତ ଦାସ, ବଜାର ବ୍ୟବସାୟୀ ସଂଘ ସଭାପତି ରଘୁନାଥ ନାୟକ, ବସନ୍ତ ସାହୁ, ଶରତ ଚନ୍ଦ୍ର ନାୟକ, ଗୋଲଖ ପ୍ରସାଦ ସିଂ, ସୁଶାନ୍ତ ପଲେଇ, ଦୀପକ ପଣ୍ଡା ପ୍ରମୁଖ



ଯୋଗଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ୱାର୍ଡ ସଭ୍ୟସଭ୍ୟା, ପଞ୍ଚାୟତର ଏମ୍‌ବିକେ, ସିଆରପି ଓ ବହୁ ମୁରବୀ ଉପସ୍ଥିତ ହୋଇଥିଲେ ।

## ■ ଆଠଗଡ

ଆଠଗଡ,୮।୩(ସମିସ): ମାର୍ଚ୍ଚ ୮ ତାରିଖ ଆନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅଭିନବ ଭାରତ ପକ୍ଷରୁ ସ୍ଥାନୀୟ ଶୁଭଦିପା ମଣ୍ଡପ ପରିସରରେ ନାରୀ ସଶକ୍ତିକରଣ ସମ୍ପର୍କରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନର ପ୍ରତିଷ୍ଠାତା ସଭାପତି ତଥା ସାହିତ୍ୟିକ ବିଭୂତି ଭୂଷଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ବଡମ୍ବା ଏମଏସ କଲେଜ ବଡମ୍ବାର ପୂର୍ବତନ ଅଧ୍ୟକ୍ଷା ଡକ୍ଟର ସୁଚିସ୍ମିତା ମହାନ୍ତି, ତିଗିରିଆ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ଡ. ସୁଧାଂଶୁବାଳା ଦାସ ସମ୍ମାନିତ ଅତିଥି, ଆଠଗଡ ନଗରପାଳ ସସ୍ମିତା ରାଉତ ଅନ୍ୟତମ ଅତିଥିଭାବେ ଯୋଗଦେଇଥିଲେ । ଅନୁଷ୍ଠାନର ସହ ପ୍ରତିଷ୍ଠାତା ତଥା ସମ୍ପାଦିକା ଅସୀମା ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ମହାତ୍ମା ଗାନ୍ଧୀ ଇଂରାଜୀ ମାଧ୍ୟମ ସ୍କୁଲର ଅଧ୍ୟକ୍ଷା ପୁଲିନ ମିଶ୍ର




ସଭା ସଞ୍ଚାଳନ କରିଥିଲେ । ଅତିଥିମାନେ ସେମାନଙ୍କ ବକ୍ତବ୍ୟରେ ମହିଳାମାନେ ନିଜକୁ ହାଣ୍ଡିଶାଳରେ ସୀମିତ ନ ରଖି ଆଗକୁ ଆସିବାକୁ ଆହ୍ୱାନ ଦେଇଥିଲେ । ଆଲୋଚନା ଚକ୍ରରେ ଛାତ୍ରୀ, ମହିଳା ଓ ଇନରହ୍ୱିଲ କ୍ଲବ୍‌ର କର୍ମକର୍ତ୍ତା ଓ ସଭ୍ୟାମାନେ ଯୋଗଦେଇଥିଲେ । ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ମହିଳାମାନଙ୍କୁ ସମ୍ମାନିତ କରାଯାଇଥିଲା ।

## ■ ତିଗିରିଆ

ତିଗିରିଆ,୮।୩(ସମିସ): ତିଗିରିଆ ବ୍ଲକ ଅନ୍ତର୍ଗତ ନିଜିଗଡ଼ ପଞ୍ଚାୟତ ସ୍ଥିତ ପ୍ରସନ୍ନ ପୁରୁଷୋତ୍ତମ ଦେବ ମହାବିଦ୍ୟାଳୟର ଏନଏସଏସ ବିଭାଗ ପକ୍ଷରୁ ଆଜି ଆନ୍ତର୍ଜାତିକ ମହିଳା ଦିବସ ପାଳନ କରାଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ



ବିଜୟ ବେହେରାଙ୍କ ପୌରହିତ୍ୟରେ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନାରୀ ସମାଜ ପାଇଁ ନୂତନ ଆହ୍ୱାନ, ଅସନ୍ତୁଳିତ ବ୍ୟବସ୍ଥାର ଅବସ୍ଥିତି ତଥା ମହିଳାଙ୍କ ସଶକ୍ତିକରଣ ଦିଗ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ମହାବିଦ୍ୟାଳୟର ଏନଏସଏସ ଯୋଜନା ଅଧିକାରୀ ଡ. ପତିତପାବନ ପଣ୍ଡାଙ୍କ ତତ୍ତ୍ୱବଧାନରେ ସ୍ୱେଚ୍ଛାସେବୀମାନେ ନାରୀ ସମାଜର ସ୍ଥିତି, ପରିବର୍ତ୍ତନ ଓ ବିକାଶ ସମ୍ବନ୍ଧୀୟ ବିଷୟବସ୍ତୁ ଏହି ଆଲୋଚନାଚକ୍ରର ଅଂଶବିଶେଷ ଭାବେ ସାମିଲ ହୋଇଥିଲା । ସ୍ୱେଚ୍ଛାସେବୀ ସ୍ନେହାଞ୍ଜଳି ବେହେରା ବାଳିକା ଓ ନାରୀ ସଶକ୍ତିକରଣ, ନ୍ୟାୟ ଓ ଅଧିକାର ଦିଗକୁ ନେଇ ନିଜର ମତ ଉପସ୍ଥାପନ କରିଥିଲେ । ସ୍ୱେଚ୍ଛାସେବୀ ଲକ୍ଷ୍ମୀପ୍ରିୟା ସଙ୍ଗୀତ ମାଧ୍ୟମରେ ମହିଳା ସମାଜର ସମସ୍ୟା ଓ ପରିବର୍ତ୍ତନକୁ ସୂଚିତ କରିଥିଲେ । ରାଜୀବ, ଶୁଭ୍ରାଂଶୁ, ଭାର୍ଗବୀ ଓ ଅନ୍ୟ ସ୍ୱେଚ୍ଛାସେବୀ ମାନେ ଆଜିର ଦିବସ ପାଳନର ଗୁରୁତ୍ୱ ତଥା ପ୍ରଭାବ ଓ ପ୍ରସାର ସମ୍ବନ୍ଧରେ ଦୃଷ୍ଟି ଆକର୍ଷଣ କରିଥିଲେ । ଅଧ୍ୟକ୍ଷ ଶ୍ରୀ ବେହେରା ମହିଳା ସଶକ୍ତିକରଣର ବିଭିନ୍ନ ଦିଗକୁ ଆଲୋକପାତ କରିଥିଲେ । ଅଧ୍ୟାପକ ବିଜୟ ଦାସ, ଅମିତ ମିଶ୍ର, ନିତ୍ୟଶ୍ରୀ ସ୍ୱାଇଁ, ଅଧ୍ୟାପିକା ରଶ୍ମିରେଖା ମଲ୍ଲିକ, ଗୁଲପସା ତବସୁମ ପ୍ରମୁଖ ଆଲୋଚନା ଚକ୍ରରେ ନିଜର ମତ ଉପସ୍ଥାପନ କରିଥିଲେ । କ୍ୟାପଟେନ ଲକ୍ଷ୍ମୀଧର ସାହୁ ମହିଳା, ସମାଜ ଓ ସଶକ୍ତିକରଣର ସଂଯୋଗୀକରଣ କରିଥିଲେ । ଏନଏସଏସ ଅଧିକାରୀ ଡ. ପଣ୍ଡା ଦିବସର ଗୁରୁତ୍ୱ ସମ୍ପର୍କରେ ସୂଚନା ଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ମହାବିଦ୍ୟାଳୟର ଅନ୍ୟାନ୍ୟ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ■ ପ୍ରାଣଯୋଗ ପ୍ରତିଷ୍ଠାନ

ବଡମ୍ବା,୮।୩(ସମିସ): ବଡମ୍ବା ପ୍ରାଣଯୋଗ ପ୍ରତିଷ୍ଠାନ ଆନୁକୂଲ୍ୟରେ ଇଚ୍ଛାପୁର ଗ୍ରାମରେ ମହିଳା ଦିବସ ପାଳନ କରାଯାଇଛି । ପ୍ରତିଷ୍ଠାନର ଅଧ୍ୟକ୍ଷ ବିଜ୍ଞାନ କବି ଚନ୍ଦ୍ରଶେଖର ମହାନ୍ତିଙ୍କ ପୌରହିତ୍ୟରେ ମୁଖ୍ୟଅତିଥି ଭାବେ ମୋହନ ସୁବୁଦ୍ଧି ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗର ଡକ୍ଟର ସୁବାସ ଚନ୍ଦ୍ର ଆସ, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଡ. ଖଗେଶ୍ୱର ମହାପାତ୍ର, ଅଧ୍ୟାପକ ରାମଚନ୍ଦ୍ର ସ୍ୱାଇଁ, ଅଧ୍ୟାପିକା ଡ. ପୁଷ୍ପଲତା ପାଣିଗ୍ରାହୀ ଅତିଥିଭାବେ ଯୋଗଦେଇଥିଲେ । ପ୍ରାଣଯୋଗ ପ୍ରତିଷ୍ଠାନର କାର୍ଯ୍ୟକାରୀ ଅଧ୍ୟକ୍ଷା ବେଦ ଆଚାର୍ଯ୍ୟ ପ୍ରବୀଣା ମହାନ୍ତି, ସଭା ସଂଯୋଜନା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଗ୍ରାମର ଶତାଧିକ ମହିଳା ଉପସ୍ଥିତ ଥିଲେ । ଅଧିକ୍ଷକ ବାଲୁଙ୍କେଶ୍ୱର ରାଉତ ଧନ୍ୟବାଦ ଦେଇଥିଲେ ।

## ■ ଡ୍ରିମ୍‌ସ

କଟକ,୮।୩(ସମିସ): ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଥିଲା । ଏହି ଉପଲକ୍ଷେ ପଦ୍ମିନୀ ଅଡିଟୋରିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ମୁଖ୍ୟଅତିଥି ଭାବରେ ଯୋଗଦେଇ ଉପସ୍ଥିତ ଡାକ୍ତର ଓ ମହିଳା ପଦାଧିକାରୀଙ୍କୁ ଶୁଭେଚ୍ଛା ଜ୍ଞାପନ କରିବା ସହ ସୁସ୍ଥ ସମାଜ ଓ ରାଷ୍ଟ୍ର



ନିର୍ମାଣରେ ମହିଳାମାନଙ୍କର ଭୂମିକା ଉପରେ ଆଲୋକପାତ କରିଥିଲେ । ଡ୍ରିମ୍‌ସ ମେଡିକାଲ କଲେଜର 'ଡିନ୍' ପ୍ରଫେସର ଡା. ବିରଞ୍ଚି ନାରାୟଣ ମହାପାତ୍ର, ପ୍ରଫେସର ଡା. ମନ୍ମଥ କୁମାର ମଣ୍ଡଳ, ଡା. ଶର୍ମିଷ୍ଠା ସ୍ୱାଇଁ, ଡା. ପ୍ରତିମା କୁମାରୀ ସାହୁ ଯୋଗଦେଇ ମହିଳା ଦିବସର ଅନୁଚିନ୍ତା ସଂପର୍କରେ କହିଥିଲେ । ଏହି ଅବସରରେ 'କେକ୍' କଟାଯାଇଥିଲା । ଡା. ପ୍ରଜ୍ଞାଦା ରୁଚାଯୋଶୀ ଓ ଅଧ୍ୟାପିକା ପ୍ରିୟଙ୍କା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ୧୫ତମ ରାଜ୍ୟ ଆମ୍ବିକନ୍ ସମ୍ମିଳନୀରେ ଯୋଗଦେଇଥିବା ବିଭିନ୍ନ ମେଡିକାଲ କଲେଜର ପ୍ରତିନିଧି ଏଥିରେ ଅଂଶଗ୍ରହଣ କରିଥିଲେ ।

# ଆଠଗଡ଼ରେ ପ୍ରସିଦ୍ଧ ପଞ୍ଚୁ ଦୋଳ ମେଳଣ

ଆଠଗଡ଼,୮।୩(ସମିସ): ଗଡ଼ଜାତ ଐତିହ୍ୟର ଅନନ୍ୟ ପରମ୍ପରା ଆଠଗଡ଼ ପ୍ରସିଦ୍ଧ ପଞ୍ଚୁ ଦୋଳ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ରାଜୁଡ଼ା ଅମଳରୁ ଚାଲିଆସୁଥିବା ଏହି ଉତ୍ସବରେ ବିଭିନ୍ନ ଗ୍ରାମର ଆରାଧ୍ୟ ଦେବତାମାନେ ସୁସଜ୍ଜିତ ବିମାନରେ ଆସି ମେଳଣରେ ଯୋଗ ଦେଇଥାନ୍ତି । ଫଗୁ ଦଶମୀରୁ ଆଠଗଡ଼ର ଆରାଧ୍ୟ ଶ୍ରୀ ଶ୍ରୀ ରାଧା ଗୋବିନ୍ଦ, ଶ୍ରୀ ଅଟ୍ଟାଳୀ ଜଗନ୍ନାଥ, ଶ୍ରୀ ରଘୁନାଥ ଓ ଶ୍ରୀ ନୃସିଂହ ବିମାନରେ ଚାଚେରୀ ଭୋଗ ଖାଇବା ଆରମ୍ଭ କରିଥିବା ବେଳେ ଚତୁର୍ଦ୍ଦଶୀରେ ରାଜଦୋଳ ବା ଅଗ୍ନି ଉତ୍ସବ ପରେ ଏହି ମେଳଣ ପାଇଁ ବିଧିବଦ୍ଧ ଘୋଷଣା ହୋଇଥାଏ । ଚଳିତ ବର୍ଷ ଏହି ପାରମ୍ପରିକ ମେଳଣରେ ଶ୍ରୀ ରାଧାଗୋବିନ୍ଦ ମନ୍ଦିର ପ୍ରାଙ୍ଗଣରେ ଶ୍ରୀ ଧବଳେଶ୍ୱର ଓ ଶ୍ରୀ ସର୍ପେଶ୍ୱରଙ୍କ ସମେତ ବିଭିନ୍ନ ଗ୍ରାମର ପ୍ରାୟ ୫୪ଟି ବିମାନ ଏକତ୍ରିତ ହୋଇଥିଲେ । ପୂର୍ବରୁ ବିମାନ ସଂଖ୍ୟା ୨୦୦ରୁ ଅଧିକ ରହୁଥିବା ବେଳେ ସମୟ ଓ ବ୍ୟୟବହୁଳତା କାରଣରୁ ଏହା ଏବେ ୫୦ରୁ ଉର୍ଦ୍ଧ୍ୱରେ ସୀମିତ ରହିଛି । ଏହି ମେଳଣ ପୂର୍ବରୁ ରାଜ ପରିବାରର ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ହେଉଥିବା ବେଳେ ବର୍ତ୍ତମାନ ଦେବୋତ୍ତର ବିଭାଗ ଅଧୀନରେ ଅନୁଷ୍ଠିତ ହେଉଛି । ଦେବୋତ୍ତର ନିର୍ବାହୀ ଅଧିକାରୀ ତଥା ଉପ-ଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା, ସହକାରୀ ଜିଲ୍ଲାପାଳ ମାନସ ବେହେରା ଏବଂ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ବିଶ୍ୱଜିତ ମହାନ୍ତିଙ୍କ ଉପସ୍ଥିତିରେ ସମସ୍ତ ବ୍ୟବସ୍ଥା ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଥିଲା । ଏହି ଅବସରରେ ଆଠଗଡ଼ ଶ୍ରୀ ଶ୍ରୀ ରାଧା ଗୋବିନ୍ଦ ଜୀଉ ସଂକୀର୍ତ୍ତନ ମହାମଣ୍ଡଳୀର ବାର୍ଷିକ ଉତ୍ସବ ଅଜୟ କୁମାର ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ୫୦ରୁ ଅଧିକ ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲେ । ଦେବୋତ୍ତର ସୁପରଭାଇଜର ଭବାନୀ ଶଙ୍କର ପଣ୍ଡା ମେଳଣର ସମସ୍ତ ନୀତିକାନ୍ତି ପରିଚାଳନା କରିଥିଲେ ।

# ମା'ବୁଢ଼ୀ ଦକ୍ଷିଣେଇ ଦୋଳ ମହୋତ୍ସବ ଉଦ୍‌ଯାପିତ

ସାଲେପୁର,୮।୩(ସମିସ): ସାଲେପୁର ବ୍ଲକ୍ ଅନ୍ତର୍ଗତ ନଈଗୁଆଁ ଗ୍ରାମର ମା' ବୁଢ଼ୀ ଦକ୍ଷିଣେଇ ପୀଠ ପରିସରରେ ଦୋଳ ମହୋତ୍ସବ ୨୦୨୬ ଉଦ୍‌ଯାପିତ ହୋଇଯାଇଛି । ବିମାନ ଗୁଡିକ ଶୋଭାଯାତ୍ରାରେ ଆସି ମନ୍ଦିର ପିଣ୍ଡିରେ ବିଜେ କରିବା ପରେ ପୂଜାର୍ଚ୍ଚନା କରାଯାଇ ଭୋଗ ଲାଗି କରାଯାଇଥିଲା । ଏହି ଅବସରରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ସିଦ୍ଧାର୍ଥ ଟିଭିର କଳାକାରମାନେ ଉପସ୍ଥିତ ରହି ଦର୍ଶକମାନଙ୍କ ମନୋରଞ୍ଜନ କରାଇଥିଲେ । ସେହିପରି ମଧୁସୂଦନ କଳା ନିକେତନର କଳାକାରମାନେ ଚିତ୍ତାକର୍ଷକ ନୃତ୍ୟ ଓ ପତିତପାବନ କଳା ନିକେତନର ଆଦିବାସୀ ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା । ଏହି ଅବସରରେ ମା' ବୁଢ଼ୀ ଦକ୍ଷିଣେଇ ଦୋଳ ମହୋତ୍ସବ କମିଟି ପକ୍ଷରୁ ସିଦ୍ଧାର୍ଥ ଟିଭିର କଳାକାରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଚିତ୍ରୋତ୍ପଳା ସାଂସ୍କୃତିକ ଓ ସାମାଜିକ ଟ୍ରଷ୍ଟ



ଓ ମା' ବୁଢ଼ୀ ଦକ୍ଷିଣେଇ ପୂଜା କମିଟିର ମିଳିତ ଆନୁକୂଲ୍ୟରେ ଚାଲିଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସିଦ୍ଧାର୍ଥ ଟିଭି.ର ଅପରେସନ୍ ହେଡ୍ ବସନ୍ତ ସାହୁ ଯୋଗଦେଇ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଅନୁଷ୍ଠାନ ତରଫରୁ କାର୍ଯ୍ୟକ୍ରମ ପରିଚାଳନାରେ ସଭାପତି ନାରାୟଣ ଭୋଇ, ସଂପାଦକ ବିଶ୍ୱନାଥ ସାହୁ, ଉପସଭାପତି ପ୍ରମୋଦ ରାଉତ, ଅବିନାଶ ମହାରଣା, ଦିଲ୍ଲୀପ ସାହୁ, ମାନସ ରଞ୍ଜନ ବାରିକ, ସୀତାଂଶୁ ଶେଖର ଦାସ, ଗଣେଶ୍ୱର ଭୋଇ, ଅଜୟ ସାହୁ, ବିଶ୍ୱରଞ୍ଜନ ସାହୁଙ୍କ ସମେତ ନଈଗୁଆଁ ଗ୍ରାମର ଗ୍ରାମବାସୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ସତ୍ୟସାଇ ସେବା ସମିତିର ରକ୍ତଦାନ ଶିବିର

ଚୌଦ୍ୱାର,୮।୩(ସମିସ): ଚୌଦ୍ୱାର ଶ୍ରୀ ସତ୍ୟସାଇ ସେବା ସମିତି ଆନୁକୂଲ୍ୟରେ ଅମୃତ ବିନ୍ଦୁ କାର୍ଯ୍ୟକ୍ରମ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଥର୍ମାଲ ରୋଡ଼ସ୍ଥିତ ସାଇ ପ୍ରାର୍ଥନା ମନ୍ଦିରରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସେଣ୍ଟ୍ରାଲ ରେଡ଼କ୍ରସ୍ ଅଫିସର ଡ. ଆୟୁଷ୍ମାନ ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିଲେ । ସମିତି ଆବାହକ ସୁଧାଂଶୁ ଶେଖର ସାହୁ, ସଂଯୋଜକ ରଞ୍ଜିତ ପ୍ରଧାନ ସଭାପତି ବିଚିତ୍ରାନନ୍ଦ ମହାନ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଶିବିରରେ ୫୭ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ରେଡ଼କ୍ରସ୍ ରକ୍ତ ଭଣ୍ଡାରର କର୍ମକର୍ତ୍ତାମାନେ ରକ୍ତ ସଂଗ୍ରହ କରିଥିଲେ । ହିନ୍ଦ୍ ସେବକ ସଂଘ ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ, ମନୋଜ ଦାସ, ହର୍ଷ ବିହାରୀ ଦାସ, ପ୍ରଣବ ଭୂୟାଁ, ନବୀନ



ରାଓ, ସଞ୍ଜୟ ରାୟ, ରାକେଶ ନାୟକ, ଅନିରୁଦ୍ଧ ମହାନ୍ତି, ଡ. ପ୍ରକାଶ ପଣ୍ଡା, ମିନାକ୍ଷୀ ପ୍ରଧାନ, ପୁଷ୍ପଲତା ଦାସ ପ୍ରମୁଖ ଶିବିରରେ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ସମିତିର ସଦସ୍ୟ ସଦସ୍ୟାମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ସାଇକୃଷ୍ଣ ଦୋରା ଧନ୍ୟବାଦ ଦେଇଥିଲେ । ଦୀର୍ଘ ୨୧ ବର୍ଷ ଧରି ଚାଲିଥିବା ଏହି ମହତ୍ କାର୍ଯ୍ୟ ଆଗାମୀ ଦିନରେ ପ୍ରତିବର୍ଷ ଅୟୋଜିତ ହେବ ବୋଲି ସେବା ସଂଯୋଜକ ନବୀନ ରାଓ ସୂଚନା ଦେଇଥିଲେ ।

# ସିଲେଇ ଶିକ୍ଷାକେନ୍ଦ୍ର ଉଦ୍‌ଘାଟିତ

ଚୌଦ୍ୱାର,୮।୩(ସମିସ): ଗ୍ରାମାଞ୍ଚଳର ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ଆଗ୍ରାହାଟ ପଞ୍ଚାୟତ ଅଧୀନ କୁଜୀବର ଗ୍ରାମରେ ଏକ ସିଲେଇ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା କରାଯାଇଛି । ରୋଟାରୀ କ୍ଲବ୍ କଟକ ଅଭିନବ ପକ୍ଷରୁ ଗ୍ରାମସ୍ଥିତ ନେତାଜୀ ପାଠାଗାରରେ ପ୍ରତିଷ୍ଠିତ ଏହି କେନ୍ଦ୍ରକୁ ରୋଟାରିଆନ୍ ଜୀବନ ପଟ୍ଟନାୟକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଏହି କେନ୍ଦ୍ରରେ ସ୍ଥାନୀୟ ବାଳିକା ଓ ମହିଳାଙ୍କୁ ମାଗଣାରେ ସିଲେଇ ଶିକ୍ଷା ପ୍ରଦାନ କରାଯାଇ ସେମାନଙ୍କୁ ରୋଜଗାରକ୍ଷମ କରିବାର ଲକ୍ଷ୍ୟ ରଖାଯାଇଛି ବୋଲି ପ୍ରକାଶ କରିଥିଲେ । ସମ୍ପାଦିକା ମନୋରମା ଜେନା, ପରେଶ ସାହୁ, ମୀନା ପଟ୍ଟନାୟକ, ସତ୍ୟଜିତ ଦାସ, ଶ୍ରୀନିବାସ ରଣା ପ୍ରମୁଖ ଏଥିରେ ଅତିଥି ଭାବେଯୋଗ ଦେଇଥିଲେ । ଏହି ଅବସରରେ କ୍ଲବ୍ ତରଫରୁ ଅଞ୍ଚଳର ଶ୍ରବଣବାଧିତ ବ୍ୟକ୍ତିଙ୍କୁ ଶ୍ରବଣଯନ୍ତ୍ର ପ୍ରଦାନ



କରାଯାଇଥିଲା । ଆରସିସି କୁଜୀବରର ସତ୍ୟଭାମା ମହାରଣା, ପୂର୍ଣ୍ଣିମା ମହାରଣା, ମହେଶ୍ୱର ସାହୁ, ମଧୁସୂଦନ ବିଶ୍ୱାଳ, ଅନ୍ତର୍ଯ୍ୟାମୀ ଦାସ ପ୍ରମୁଖ ସହଯୋଗ କରିଥିଲେ । ବାସୁଦେବ ସାହୁ ଧନ୍ୟବାଦ ଦେଇଥିଲେ ।





## ପାର୍କିଂ ବ୍ୟବସ୍ଥା ନକରି 'ନୋ ପାର୍କିଂ ଜୋନ୍' କାହା ସ୍ୱାର୍ଥରେ?

# ବିପର୍ଯ୍ୟସ୍ତ ଟ୍ରାଫିକ୍ ପରିଚାଳନା: ଫାଇନ୍ କାଟିବାରେ ବ୍ୟସ୍ତ ଟ୍ରାଫିକ୍ ପୁଲିସ

**କଟକ, ୮।୩(ସମିସ)**

ଟ୍ରାଫିକ୍ ପୁଲିସ ପକ୍ଷରୁ ସାରା ସହରରେ ଗାଡ଼ି ମାଲିକ ଓ ଡ୍ରାଇଭରଙ୍କ ଠାରୁ ଜରିମାନା କଟାଯାଉଛି। ପ୍ରତ୍ୟେକ ଦିନ ଟ୍ରାଫିକ୍ ପୁଲିସ ସହରର ଗଳି କନ୍ଦିରେ ପଶି ଫାଇନ୍ କାଟିବାରେ ବ୍ୟସ୍ତ। କିନ୍ତୁ ଟ୍ରାଫିକ୍ ପୁଲିସ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ଭୁଲିଗଲା ପରି ମନେ ହେଉଛି। ସହରର କୌଣସି ଟ୍ରାଫିକ୍ ପୋଷ୍ଟର ଟ୍ରାଫିକ୍ ପରିଚାଳନା ଠିକ୍ ଢଙ୍ଗରେ କରାଯାଉ ନାହିଁ। ଗତକାଲି ଦାୟିତ୍ୱରେ ଅବହେଳା ଯୋଗୁଁ ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓ ୨ଜଣ ଟ୍ରାଫିକ ପୁଲିସଙ୍କୁ ନିଲମ୍ବନ କରିଛନ୍ତି। ଅଭିଯୋଗ ଅନୁଯାୟୀ, ନିୟମିତ ଲିଙ୍କ୍‌ରୋଡ୍, ମଧୁପାଟଣା, ବାଦାମବାଡ଼ି, ଦୋଳମୁଣ୍ଡାଇ, କଲେଜଛକ, ରାଣୀହାଟ, ଯୋବ୍ରା, ବକ୍ସିବଜାର, ମର୍କତନଗର, ସତୀଚଉରା, ଓଏମ୍‌ପି, ନୂଆବଜାର, ଜୁଡ଼ିସିଆଲ୍ ଏକାଡେମୀ ଛକରେ ମୋବାଇଲ୍ କ୍ୟାମେରା ଧରି ଟ୍ରାଫିକ୍ ଅଧିକାରୀ ବୁଲୁଛନ୍ତି। ମନଇଛା ଲୋକଙ୍କ ପଛରେ ଗୋଡ଼ାଇ ଗୋଡ଼ାଇ ଗାଡ଼ି ନମ୍ବରର ଫଟୋ ଉଠାଇ ଫାଇନ୍ କାଟୁଛନ୍ତି। ଯାହାକୁ ନେଇ ସାରା ସହରରେ ଜନଅସନ୍ତୋଷ ବୃଦ୍ଧି ଘଟୁଛି। ଗାଡ଼ିରେ ସାମାନ୍ୟ ତ୍ରୁଟି ଦେଖିଲେ ମୋଟା ଅଙ୍କର୍ ଫାଇନ୍ କଟାଯାଉଛି। ମର୍କତନଗର ସେକ୍ଟର-୭ଅଞ୍ଚଳର ଜଣେ ସରକାରୀ କର୍ମଚାରୀ ଆଜି ସତୀଚଉରା ଛକରେ ଟ୍ରାଫିକ୍ ପୁଲିସ ନିର୍ଯ୍ୟାତନାର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ତାଙ୍କ ହୋଣ୍ଡା ଆକ୍ଟିଭା ଗାଡ଼ିର ପଛ ନମ୍ବର ପ୍ଲେଟ୍ ସାମାନ୍ୟ ଭାଙ୍ଗିଯାଇଥିଲା। ତାଙ୍କ ଗାଡ଼ି ନମ୍ବର ସ୍ପଷ୍ଟ ଭାବେ ଦେଖାଯାଉଥିଲା। କିନ୍ତୁ ଚେକିଂ ସମୟରେ ତାଙ୍କ ଉପରେ ୧ହଜାର ଟଙ୍କା ଜରିମାନା ଲଗାଯାଇଥିଲା। ସେ ଟଙ୍କା ଦେବାକୁ ବାଧ ହୋଇଥିଲେ। ସମାନ ତ୍ରୁଟି ଥିବା ଆଉ ଜଣେ ଯୁବକଙ୍କୁ ୩୦୦ଟଙ୍କା ହାତଗୁଞ୍ଜା ନେଇ ଟ୍ରାଫିକ୍ ପୁଲିସ ଛାଡ଼ି ଦେଇଥିଲା। ଏଭଳି ଭାବେ ଟ୍ରାଫିକ୍ ପୁଲିସ ସହରବାସୀଙ୍କୁ ହଇରାଣ କରୁଥିବା ଦେଖିବାକୁ ମିଳୁଛି। ଟ୍ରାଫିକ୍ ଏସିପି ଜୟନ୍ତ କୁମାର ଦୋରାଙ୍କ ଏହି ଘଟଣା ସମ୍ପର୍କରେ ପଚାରିବାରୁ ସେ କହିଛନ୍ତି, ପ୍ରମାଣ ମିଳିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଅନ୍ୟପଟେ ସହରରେ ଟ୍ରାଫିକ୍ କଟକଣା ଦିନକୁ ଦିନ କଡାକଡି କରାଯାଉଛି ସତ କିନ୍ତୁ ଏହାର କାର୍ଯ୍ୟକାରୀତାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କଟକର ରାସ୍ତା ଗୁଡ଼ିକର ସଂକୀର୍ଣ୍ଣତା ଦୃଷ୍ଟିରୁ ଏଠାରେ ପାର୍କିଂଜନିତ ସମସ୍ୟା ଲାଗି ରହିଥିଲା। ଏହାକୁ ମିଳିତ ଭାବେ କଟକ ମହାନଗର ନିଗମ ଓ କମିଶନରେଟ୍ ପୁଲିସ ସମାଧାନ କରିବାକୁ ବହୁ ବର୍ଷ ଧରି ଚେଷ୍ଟା କରି ଆସୁଛନ୍ତି। ହେଲେ ଉପଯୁକ୍ତର ଭିତ୍ତିଭୂମି ତଥା ସ୍ଥାନାଭାବ ଯୋଗୁଁ ଏହି ସମସ୍ୟାର ସମାଧାନ ହୋଇ ପାରୁନାହିଁ। ନିର୍ଦ୍ଦିଷ୍ଟ ପାର୍କିଂ ଏରିଆ ଚିହ୍ନଟ ନକରି ହଠାତ୍ ନୋ-ପାର୍କିଂ ଜୋନ୍ ଘୋଷଣା କରାଯିବା ପରେ ଏବେ ସହରର ବିଭିନ୍ନ ସ୍ଥାନରେ ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଡିସିପିଙ୍କ ଏକ ଚିଠିକୁ ଆଧାର କରି ଓଡ଼ିଶା ସହରାଞ୍ଚଳ ଆଇନ ୨୦୦୩ର ଧାରା ୨୮(ଓଡ଼ିଶା ଆକ୍ଟ ୨୦୦୭ର ଧାରା ୮) ଏବଂ କମିଶନରେଟ ପୁଲିସ(ଟ୍ରାଫିକ ଓ ପବ୍ଲିକ ଅର୍ଡର) ୨୦୦୮ର ଧାରା ୧୯ ଓ ୨୧କୁ ଆଧାର କରି ସର୍ବସାଧାରଣଙ୍କ ବାଧାମୁକ୍ତ ଗମନାଗମନ ଏବଂ ପାର୍କିଂ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିରେ ନୋ-ପାର୍କିଂ ଜୋନ୍ ଗୁଡ଼ିକୁ ଘୋଷଣା କରାଯିବା ସହିତ ସମ୍ପୃକ୍ତ ଅଞ୍ଚଳରେ ଗାଡି ରଖିଲେ ଜରିମାନା ଆଦାୟ କରାଯିବାକୁ କଡା ନିର୍ଦ୍ଦେଶ ରହିଛି। ଏହା ଭିତରେ ୧ବର୍ଷ ବିତି ଯାଇଥିଲେ ମଧ୍ୟ ନୋ-ପାର୍କିଂ ଜୋନ୍‌ରେ ମାତ୍ର ଟଙ୍କାଟିଏ ବି ଜରିମାନା ଆଦାୟ ହୋଇ ପାରିନାହିଁ। ଏ ବାବଦରେ ଟ୍ରାଫିକ୍ ଏସିପି ଶ୍ରୀ ଦୋରାଙ୍କୁ ପଚାରିବାରୁ ସେ କହିଛନ୍ତି, କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଏହି ନୋ-ପାର୍କିଂ ଜୋନ୍ ଘୋଷଣା ହୋଇଛି। ଏହାର ଶତପ୍ରତିଶତ କାର୍ଯ୍ୟକାରୀତା ଏବେ ସମ୍ଭବ ନୁହେଁ। ପାର୍କିଂର ବିକଳ୍ପ ସ୍ଥାନର ବ୍ୟବସ୍ଥା ନହେବା ପର୍ଯ୍ୟନ୍ତ ସାଧାରଣ ଲୋକଙ୍କ ରାଗର ଶିକାର ହେବାକୁ ପଡ଼ିବ।

## ଶୈଳବାଳାକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି

# ଗଠିତ ହେଲା ସ୍ୱତନ୍ତ୍ର କ୍ରିୟାନୁଷ୍ଠାନ କମିଟି

**କଟକ, ୮।୩(ସମିସ):** କଟକର ଗୌରବ ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟକୁ ପୂର୍ଣ୍ଣାଙ୍ଗ ବିଶ୍ୱବିଦ୍ୟାଳୟର ମାନ୍ୟତା ପ୍ରଦାନ ଦାବିରେ ଚାଲିଥିବା ଛାତ୍ରୀ ଆନ୍ଦୋଳନକୁ ଆହୁରି ବ୍ୟାପକ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସ୍ଥାନୀୟ ଗାନ୍ଧୀ ଭବନଠାରେ 'ମଧୁ ସ୍ମୃତି ସୁରକ୍ଷା ମଞ୍ଚ' ପକ୍ଷରୁ ଆୟୋଜିତ ଏକ ବୁଦ୍ଧିଜୀବୀ ସମ୍ମିଳନୀରେ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଆନ୍ଦୋଳନକୁ ଶୃଙ୍ଖଳିତ ଭାବେ ଆଗକୁ ନେବା ପାଇଁ ଏକ 'ସ୍ୱତନ୍ତ୍ର କ୍ରିୟାନୁଷ୍ଠାନ କମିଟି' ଗଠନ କରାଯାଇଛି। ଏହି ବୈଠକରେ ସ୍ଥିର ହୋଇଛି ଯେ, ଗଠିତ କମିଟି ବିଶ୍ୱବିଦ୍ୟାଳୟ



ମାନ୍ୟତା ସମ୍ପର୍କରେ ରାଜ୍ୟ ସରକାରଙ୍କ ସହ ଆଲୋଚନା କରିବ। ଯଦି ସରକାରଙ୍କ ସହ ଆଲୋଚନା ସଫଳ ନ ହୁଏ, ତେବେ କଟକ ସହର ସମେତ ସାରା ରାଜ୍ୟରେ ଆନ୍ଦୋଳନକୁ ତୀବ୍ରତର କରାଯିବ। ଏହି ଲଢ଼େଇରେ କଟକର ବିଭିନ୍ନ ପୂଜା କମିଟି, ସାମାଜିକ ସଙ୍ଗଠନ ଏବଂ ବୁଦ୍ଧିଜୀବୀଙ୍କ ସହଯୋଗ ନିଆଯିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ସମ୍ମିଳନୀରେ ଦଳମତ ନିର୍ବିଶେଷରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ଯୋଗଦେଇ ଶୈଳବାଳା ମହିଳା ମହାବିଦ୍ୟାଳୟର ସ୍ୱାର୍ଥ ରକ୍ଷା ପାଇଁ ଏକଜୁଟ ହୋଇଛନ୍ତି।

# ପୁସ୍ତକ 'ଆପଣଙ୍କର ବିଶ୍ୱସ୍ତ' ଉନ୍ମୋଚିତ

**କଟକ, ୮।୩(ସମିସ):** କଟକର ପ୍ରକାଶନ ସଂସ୍ଥା 'ସ୍ୱାବଲମ୍ବନ' ଦ୍ୱାରା ପ୍ରକାଶିତ ବିଶିଷ୍ଟ ବ୍ୟଙ୍ଗଗାଳ୍ପିକ ଓ ସ୍ତମ୍ଭକାର ରାଧାଶ୍ୟାମ ରାଉଳଙ୍କ ନୂତନ ବ୍ୟଙ୍ଗଗଳ୍ପ ପୁସ୍ତକ 'ଆପଣଙ୍କର ବିଶ୍ୱସ୍ତ' ଶନିବାର ସନ୍ଧ୍ୟାରେ ଶ୍ରୀରାମଚନ୍ଦ୍ର ଭବନଠାରେ ଶୁଭ ଉନ୍ମୋଚିତ ହୋଇଯାଇଛି। କଳାବିକାଶ କେନ୍ଦ୍ରର ସଭାପତି ଡକ୍ଟର ବିଜୟାନନ୍ଦ ସିଂହଙ୍କ



ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ବ୍ୟଙ୍ଗ ସାହିତ୍ୟର ଅନନ୍ୟ ଆବେଦନ ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ବରିଷ୍ଠ ସାମ୍ବାଦିକ ଡକ୍ଟର ରାଜାରାମ ଶତପଥୀ କହିଥିଲେ ଯେ, ଜଞ୍ଜାଳଗ୍ରସ୍ତ ଜୀବନରେ ହସଟିଏ ସାଉଁଟିବା ସବୁଠାରୁ ବଡ଼ ଉପଲବ୍ଧି ଏବଂ ବ୍ୟଙ୍ଗ ସାହିତ୍ୟ ମଣିଷକୁ ସତେଜ ରଖିବାରେ ଏକ ମହୌଷଧି ସଦୃଶ। ସମ୍ମାନନୀୟ ଅତିଥି ଉତ୍କଳ ସାହିତ୍ୟ ସମାଜର ସଭାପତି ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଲେଖକ ଶ୍ରୀ ରାଉଳଙ୍କୁ ବ୍ୟଙ୍ଗ ସାହିତ୍ୟର ଜଣେ ବିଶ୍ୱସ୍ତ ସାଧକ ଭାବେ ଅଭିହିତ କରିଥିଲେ। ମୁଖ୍ୟବକ୍ତା ଡକ୍ଟର ଜ୍ଞାନୀ ଦେବାଶିଷ ମିଶ୍ର ବ୍ୟଙ୍ଗକୁ ଶୁଦ୍ଧ ଓ ଶାଳୀନ ରଚନା କହିବା ସହ ଏହା ସମ୍ବେଦନଶୀଳତାର ପ୍ରତୀକ ବୋଲି ମତବ୍ୟକ୍ତ କରିଥିଲେ। ଏହି ସାରସ୍ୱତ ଉତ୍ସବରେ ଯୁବ ଗବେଷକ ଡକ୍ଟର ନିରୋଦ କୁମାର ମନ୍ତ୍ରୀ ପୁସ୍ତକର ସମୀକ୍ଷା କରିଥିବା ବେଳେ କବୟିତ୍ରୀ ବିଶ୍ୱମିତ୍ରା ମିଶ୍ର ଓ ସାହିତ୍ୟିକ ସରୋଜ କୁମାର ସାମଲ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ପ୍ରକାଶକ ସନ୍ତୋଷ ବାରିକ ଧନ୍ୟବାଦ ଦେଇଥିଲେ। ଉତ୍ସବରେ ଡ. ନାରାୟଣ ଚନ୍ଦ୍ର ମହାନ୍ତି, ନବକିଶୋର ଦାସ, ସଜ୍ଜନ ଶର୍ମା, ଜ୍ଞାନ ହୋତା, ଶରତ ନାୟକ, ବିପିନବିହାରୀ ରାଉତ, ଡ. କିଶୋର ଚନ୍ଦ୍ର ମହାନ୍ତି, ରବିନାରାୟଣ ଦାଶ, ଶଶିକାନ୍ତ ରାଉତ, ଅରବିନ୍ଦ ରାଉତରାୟ, ପ୍ରାଧ୍ୟାପକ ଆଦିତ୍ୟପ୍ରସାଦ ଧଳ, ଇଂ ସୌରାଂଶୁ ପଟ୍ଟନାୟକ ପ୍ରମୁଖ ବହୁ ବିଶିଷ୍ଟ ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ୨ଟି ଦୋକାନରୁ ଚୋରି

**କଟକ, ୮ ।୩(ସମିସ):** ବିଡ଼ାନାସୀ ଥାନା ଅନ୍ତର୍ଗତ କୃଷକ ବଜାର ନିକଟସ୍ଥ ପେଟାନାଳ ରାସ୍ତାରେ ଥିବା ୨ଟି ପାନ ଦୋକାନରୁ ଚୋରି ହୋଇଛି। ଗତକାଲି ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଦୋକାନ ଝରକା ତାଡ଼ି ବିଭିନ୍ନ ପ୍ରକାର ଜିନିଷପତ୍ର ଚୋରି କରି ନେଇଛନ୍ତି। ବିସ୍କୁଟ୍, ମିକଶ୍ଚର୍, ଗୁଟଖା, ପାନମସଲା ସହିତ ନଗଦ ୧୫ହଜାର ଟଙ୍କା ଚୋରି କରି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ନରାଜ ଅଞ୍ଚଳର ଦିନବନ୍ଧୁ ଦାଶ ଏବଂ ବିଡ଼ାନାସୀ ଅଞ୍ଚଳର ଅରୁଣ ଘଡ଼େଇ ରାସ୍ତା କଡ଼ରେ ପାନ ଦୋକାନ କରିଥିଲେ। ସିଏମସି ପକ୍ଷରୁ ଉଚ୍ଛେଦ ପ୍ରକ୍ରିୟା ଚାଲିଥିବା ବେଳେ ତାଙ୍କ ଦୋକାନ ଭଙ୍ଗାଯାଇ ଥାଆନ୍ତା। କିନ୍ତୁ ଉଚ୍ଛେଦ ପୂର୍ବରୁ କେହି ଦୁର୍ବୃତ୍ତ ୨ଟି ଦୋକାନରୁ ଚୋରି କରି ନେଇଛନ୍ତି। ପୁଲିସ ସ୍ଥାନୀୟ ଅଞ୍ଚଳର ସିସି କ୍ୟାମେରା ଫୁଟେଜ୍ ଜବତ କରି ତଦନ୍ତ ଚଳାଇଥିବା ଜଣାପଡ଼ିଛି।

## ରାଜାବଗିଚାର ପୂର୍ବତନ ସମ୍ପାଦକଙ୍କ ପରଲୋକ

**କଟକ, ୮।୩(ସମିସ):** ରାଜାବଗିଚା ଅଞ୍ଚଳର ପୂର୍ବତନ ସମ୍ପାଦକ ଜ୍ଞାନେନ୍ଦ୍ରନାଥ ମହାପାତ୍ରଙ୍କର ୮୮ ବର୍ଷ ବୟସରେ ପରଲୋକ ଘଟିଛି। ତାଙ୍କର



ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ମହାପାତ୍ରଙ୍କ ଶେଷକୃତ୍ୟ କଟକର ଖାନନଗର ଶ୍ମଶାନରେ ସମ୍ପନ୍ନ ହୋଇଥିବା ବେଳେ ତାଙ୍କ ପୁଅ ବିଶ୍ୱଜିତ ମହାପାତ୍ର ମୁଖାଗ୍ନି ଦେଇଥିଲେ। ତାଙ୍କର ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପାଇଁ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରେ ରାଜ୍ୟସଭା ସଦସ୍ୟ ଦେବାଶିଷ ସାମନ୍ତରାୟ, ପୂର୍ବତନ ବିଧାୟକ ଇଞ୍ଜିନିୟର ମହମ୍ମଦ ମୋକିମ ଏବଂ ରାଜାବଗିଚାର ବର୍ତ୍ତମାନର ସାହି ସମ୍ପାଦକ ବିଶ୍ୱରଞ୍ଜନ ଘଡ଼ାଇ ପ୍ରମୁଖ ସାମିଲ ହୋଇ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିଥିଲେ। ସ୍ୱର୍ଗତ ମହାପାତ୍ରଙ୍କ ପ୍ରତି ସମ୍ମାନ ଜଣାଇ ରାଜାବଗିଚା ଅଞ୍ଚଳର ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା। ସାହିର ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ତାଙ୍କର ଅବଦାନକୁ ଅଞ୍ଚଳବାସୀ ମନେ ପକାଇଛନ୍ତି।

# ଓଡ଼ିଶା ରାଜସ୍ୱ ଆଇନର 'ବ୍ୟାସ' ଥିଲେ ବିମଳ କିଶୋର




**କଟକ, ୮।୩(ସମିସ):** ବିଶିଷ୍ଟ ପ୍ରଶାସକ ବିମଳ କିଶୋର ମିଶ୍ର ଓଡ଼ିଶା ରାଜସ୍ୱ ଆଇନର ଜଣେ ଜ୍ଞାନଦୀପ୍ତ ବ୍ୟକ୍ତିତ୍ୱ ତଥା ଯଥାର୍ଥ 'ବ୍ୟାସ' ଥିଲେ ବୋଲି ବଙ୍ଗାଳୀସାହି ସ୍ଥିତ ମା' ଶାରଳା ସଦନଠାରେ ଆୟୋଜିତ ଏକ ଶ୍ରଦ୍ଧାଞ୍ଜଳି ସଭାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। 'ବନ୍ଦେ ଉତ୍କଳ' ପକ୍ଷରୁ ଆୟୋଜିତ ଏହି ୧୦୨ତମ ଜୟନ୍ତୀ ଉତ୍ସବକୁ ମାଧ୍ୟମିକ ଶିକ୍ଷା ପରିଷଦର ସଭାପତି ଶ୍ରୀକାନ୍ତ ତରାଇ ଉଦ୍‌ଘାଟନ କରି ସ୍ୱର୍ଗତ ମିଶ୍ରଙ୍କ ପ୍ରଶାସନିକ ଦକ୍ଷତା ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଆଇନଜୀବୀ ଦେବସ୍ନାନ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏସନ୍ ସଭାପତି ମନୋଜ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସେ ସ୍ୱର୍ଗତ ମିଶ୍ରଙ୍କୁ ଜଣେ ନିର୍ଭୀକ, ସଚ୍ଚୋଟ ଓ ସମ୍ବେଦନଶୀଳ ପ୍ରଶାସକ ଭାବେ ବର୍ଣ୍ଣନା କରିଥିଲେ। ଏହି ଅବସରରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ଗଣିତ ବିଭାଗର ମୁଖ୍ୟ ପ୍ରଫେସର ଡ. ଦ୍ୱିତୀକୃଷ୍ଣ ବେହେରାଙ୍କୁ ସମ୍ମାନଜନକ 'ବିମଳ କିଶୋର ମିଶ୍ର ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଏହି ସ୍ମୃତିସଭାରେ ରେଭେନ୍ସା ଓଡ଼ିଆ ବିଭାଗର ମୁଖ୍ୟ ଡ. ବିଜୟଲକ୍ଷ୍ମୀ

### ବନ୍ଦେ ଉତ୍କଳ ପକ୍ଷରୁ ୧୦୨ତମ ଜୟନ୍ତୀ

ଦାଶ, ଡ. ବସନ୍ତ କୁମାରୀ ନନ୍ଦ ଏବଂ ସୁରେନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମିଶ୍ରଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଲୁନା ଦାସ ମାନପତ୍ର ପାଠ କରିଥିବା ବେଳେ ଶ୍ରୀମାଳିନୀ ଡ୍ୟାନ୍ସ ଏକାଡେମୀର ଶିଳ୍ପୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଆଇନଜୀବୀ ଜ୍ୟୋତିନ୍ଦ୍ରିୟ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଦେବାଶିଷ ବିଶ୍ୱାଳ ଧନ୍ୟବାଦ ଅର୍ପଣ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବହୁ ବିଶିଷ୍ଟ ବ୍ୟକ୍ତି ସ୍ୱର୍ଗତ ମିଶ୍ରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ।

# କଟକରେ ଜିଲ୍ଲାସ୍ତରୀୟ ମହିଳା ଦିବସ

## 'ସୁଭଦ୍ରା' ଯୋଜନାର ଚତୁର୍ଥ କିସ୍ତି ପ୍ରଦାନ

**କଟକ, ୮।୩(ସମିସ):** ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ନେତାଜୀ ସଂସ୍କୃତି ଭବନ ପରିସରରେ ଏକ ଜିଲ୍ଲାସ୍ତରୀୟ ଉତ୍ସବ ସହ 'ସୁଭଦ୍ରା' ଯୋଜନାର ଚତୁର୍ଥ କିସ୍ତି ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଡ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋସ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମହିଳାମାନେ ସମାଜର ମୂଳ ଶକ୍ତି ବୋଲି ଅଭିହିତ କରିବା ସହ ସୁଭଦ୍ରା ଯୋଜନାରୁ ମିଳୁଥିବା ଆର୍ଥିକ ସହାୟତାକୁ ସ୍ୱାବଲମ୍ବୀ ହେବା ଦିଗରେ ବିନିଯୋଗ କରିବାକୁ ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ପୁରୀଠାରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିବା 'ସୁଭଦ୍ରା' ଚତୁର୍ଥ କିସ୍ତି ଅର୍ଥ ହସ୍ତାନ୍ତର ପ୍ରକ୍ରିୟାକୁ ଆଭାସୀ ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସେବା ପ୍ରଦାନ କରିଥିବା ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ, ଶିକ୍ଷୟିତ୍ରୀ, ସିଡିପିଓ ଏବଂ ଟ୍ରାଫିକ କନଷ୍ଟେବଳମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ଏଥିସହ ସ୍କୁଲ ଓ କଲେଜସ୍ତରୀୟ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ରଶ୍ମିତା ମହାନ୍ତି ଓ ଜିଲ୍ଲା ଉନ୍ନୟନ ଅଧିକାରୀ ନୁରୀ ପରବିନ ଯୋଗଦେଇ ମହିଳା ସଶକ୍ତିକରଣର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏହି ଉତ୍ସବ ଅବସରରେ 'ସଖି - ୱାନ ଷ୍ଟପ ସେଣ୍ଟର'ର ବାର୍ଷିକ ବିବରଣୀ ପୁସ୍ତିକା ଉନ୍ମୋଚିତ ହୋଇଥିଲା। ଜିଲ୍ଲାର କୋଣ ଅନୁକୋଣରୁ ଶତାଧିକ ମହିଳା ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ଲେଡିଜ୍ ୱାକର୍ସ କ୍ଲବ୍

ସ୍ଥାନୀୟ 'ଲେଡିଜ୍ ୱାକର୍ସ କ୍ଲବ୍' ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଶେଖବଜାର ସ୍ଥିତ ଏକ ପୋଷାକ କାରଖାନା ପରିସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦିକା ବିଜୟଲକ୍ଷ୍ମୀ କରଙ୍କ ପ୍ରତ୍ୟକ୍ଷ ନେତୃତ୍ୱରେ କ୍ଲବ୍‌ର ସଭ୍ୟାମାନେ କାରଖାନାରେ କାର୍ଯ୍ୟରତ ମହିଳା କର୍ମଚାରୀଙ୍କ ଗହଣରେ ଏହି ଦିବସକୁ ପାଳନ କରିଥିଲେ। ଏହି ଅବସରରେ କାରଖାନାର ପ୍ରାୟ ୫୦ ଜଣ ମହିଳା କର୍ମଚାରୀଙ୍କୁ ଫଳ, ସ୍ନାକ୍ସ




ଏବଂ ଜୁସ୍ ପ୍ରଦାନ କରାଯିବା ସହ ସେମାନଙ୍କ କାର୍ଯ୍ୟକୁ ଉତ୍ସାହିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଡାକ୍ତର ଅନୁସୂୟା ନନ୍ଦ, ସୁଷମା ସାହୁ, ବିଦ୍ୟୁତ କୁମାରୀ ଲାଲା, ନୁର୍ଜହାନ ବେଗମ, ମଞ୍ଜୁଲତା ଜେନା, ନୀଳିମା କର, ସୌଭାଗିନୀ ବେହେରା, ସବିତା ପରିଡ଼ା, ଗାୟତ୍ରୀ ଦେବୀ, ହରପ୍ରିୟା ରାଜ ଏବଂ ଅନ୍ନପୂର୍ଣ୍ଣା ପରିଡ଼ା ପ୍ରମୁଖ ଉପସ୍ଥିତ ରହି ମହିଳା ଶ୍ରମିକଙ୍କ ସହ ସମୟ ଅତିବାହିତ କରିଥିଲେ। କୋଷାଧ୍ୟକ୍ଷ ଶାନ୍ତିଲତା ସେଠୀ ଧନ୍ୟବାଦ ଦେଇଥିଲେ।

## ଲିଗାଲ ଲେନ୍ସ ଫାଉଣ୍ଡେସନ

'କଟକ କ୍ଲବ୍' ପରିସରରେ 'ଲିଗାଲ ଲେନ୍ସ ଫାଉଣ୍ଡେସନ' ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ ଅତ୍ୟନ୍ତ ସମାରୋହରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ଆଡଭୋକେଟ୍ ଶର୍ମିଷ୍ଠା ପ୍ରିୟଦର୍ଶିନୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ 'ସମାଜରେ ନାରୀର ସ୍ଥାନ, ସୁରକ୍ଷା ଓ ସଶକ୍ତୀକରଣ' ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଡ. ଐଶ୍ୱର୍ଯ୍ୟା ବିଶ୍ୱାଳ ଏବଂ ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ ଯୋଗଦେଇଥିଲେ। ନାରୀ ଶିକ୍ଷା, ସ୍ୱାଧୀନତା ଓ ସୁରକ୍ଷା କ୍ଷେତ୍ରରେ ଆହୁରି ଅଧିକ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି ବରିଷ୍ଠ ଆଇନଜୀବୀ ସୁଜାତା ଜେନା ଓ ଡାକ୍ତର ଲୋପାମୁଦ୍ରା ମିଶ୍ର କହିଥିଲେ। ଏହି ଅବସରରେ ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ମହିଳାମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସାମାଜିକ କର୍ମୀ ମଧୁସ୍ମିତା ମହନ୍ତ, ମିହିର ପରିଡ଼ା, ମାନସ ପରିଡ଼ା ଓ ସମ୍ବିତ ବେହେରାଙ୍କ ସମେତ ଅନୁଷ୍ଠାନର ଅନ୍ୟ ସଦସ୍ୟମାନେ ସକ୍ରିୟ ସହଯୋଗ କରିଥିଲେ।



## କଟକ ଆକାଶବାଣୀ କେନ୍ଦ୍ର




ବର୍ତ୍ତମାନର ପରିବର୍ତ୍ତିତ ସମୟରେ ମହିଳାମାନେ ଆର୍ଥିକ ଭାବେ ସ୍ୱାବଲମ୍ବୀ ହେବା ଏକାନ୍ତ ଅପରିହାର୍ଯ୍ୟ ବୋଲି ଆକାଶବାଣୀ କଟକ କେନ୍ଦ୍ରର ମୁଖ୍ୟ ଡି.ଏମ୍. ରତ୍ନପ୍ରସାଦ ମତବ୍ୟକ୍ତ କରିଛନ୍ତି। ଆନ୍ତର୍ଜାତିକ ମହିଳା ଦିବସ ଅବସରରେ କେନ୍ଦ୍ର ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର ସାରସ୍ୱତ ଉତ୍ସବରେ ଯୋଗଦେଇ ଶ୍ରୀ ରତ୍ନପ୍ରସାଦ କହିଛନ୍ତି ଯେ, ଏକ ସମୃଦ୍ଧ ତଥା ବିକଶିତ ଭାରତ ଗଠନ ଦିଗରେ ମହିଳାମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବିଶେଷକରି କର୍ମସଂସ୍ଥାନ ଓ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ମହିଳାଙ୍କ ଅଂଶଗ୍ରହଣ ଦେଶର ପ୍ରଗତିକୁ ତ୍ୱରାନ୍ୱିତ କରିବ। ଏହି କାର୍ଯ୍ୟକ୍ରମରେ ଇଞ୍ଜିନିୟରିଂ ବିଭାଗର ସହାୟକ ନିର୍ଦ୍ଦେଶକ ମନୋଜ ପତି ଏବଂ ବରିଷ୍ଠ ପ୍ରଶାସନିକ ଅଧିକାରୀ ସିକନ୍ଦର ସୋଏ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହିଳାମାନଙ୍କୁ ସ୍ୱାବଲମ୍ବୀ ହେବା ପାଇଁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଯାନ୍ତ୍ରିକ ବିଭାଗର ସଞ୍ଜୁଲତା ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଆଞ୍ଚଳିକ ସମ୍ବାଦ ବିଭାଗର ସମାଚାର ସମ୍ପାଦକ ଇତିଶ୍ରୀ ସିଂ ରାଠୋର ଚଳିତ ବର୍ଷର ମହିଳା ଦିବସର ପ୍ରସଙ୍ଗ ତଥା ଏହାର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଶେଷରେ କାର୍ଯ୍ୟକ୍ରମ ବିଭାଗର ପ୍ରଜ୍ଞା ପାରମିତା ସାହୁ ଧନ୍ୟବାଦ ଦେଇଥିବା ବେଳେ ବରିଷ୍ଠ ଉଦ୍‌ଘୋଷିକା ସଦ୍ୟସ୍ମିତା ବେହେରା ସମଗ୍ର କାର୍ଯ୍ୟକ୍ରମକୁ ସୂଚାରୁରୂପେ ପରିଚାଳନା କରିଥିଲେ।

## ବାରବାଟୀ-କଟକ ବିଜୁ ମହିଳା ଜନତା ଦଳ

ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଆଜି କଟକ ମହାନଗର ନିଗମର ୧୭ ନମ୍ବର ୱାର୍ଡ ଅନ୍ତର୍ଗତ ପଟାପୋଲସ୍ଥିତ କଳିଙ୍ଗ ତେଲୁଗୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିକଟରେ ବିଜୁ ମହିଳା ଜନତା ଦଳ, ବାରବାଟୀ-କଟକ ପକ୍ଷରୁ ଏକ ବିଶାଳ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉପସ୍ଥିତ ନେତୃମଣ୍ଡଳୀ ରାଜ୍ୟରେ ମହିଳାମାନଙ୍କ ସୁରକ୍ଷା ଏବଂ ସଶକ୍ତିକରଣକୁ ନେଇ ବର୍ତ୍ତମାନର ସରକାରଙ୍କ ଆଭିମୁଖ୍ୟ ଉପରେ ପ୍ରଶ୍ନ ଉଠାଇଛନ୍ତି। ସଭାରେ ଯୋଗଦେଇ କଟକ ମେୟର ସୁବାସ ସିଂହ ଓ ଅନ୍ୟାନ୍ୟ ନେତୃବୃନ୍ଦ କହିଥିଲେ ଯେ, ପୂର୍ବତନ ସରକାର ମହିଳାମାନଙ୍କୁ ଆର୍ଥିକ ଭାବେ ସ୍ୱାବଲମ୍ବୀ କରିବା ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଯେଉଁ ବିପ୍ଳବ ଆଣିଥିଲେ, ତାହା ଆଜି ବିପର୍ଯ୍ୟସ୍ତ ହେବାକୁ ବସିଛି। ରାଜ୍ୟରେ ନାରୀ ନିର୍ଯ୍ୟାତନା ବଢ଼ିବା ସହ ଛାତ୍ରୀମାନେ ଅସୁରକ୍ଷିତ ମନେ କରୁଥିବା ବେଳେ ସରକାର ଦେଇଥିବା ପ୍ରତିଶ୍ରୁତିରୁ ଓହରି ଯାଉଥିବା ସେମାନେ ଅଭିଯୋଗ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବାରବାଟୀ-କଟକ ବିଜେଡି




ସଭାପତି ପ୍ରଫୁଲ୍ଲ ସିଂ, ଜିଲ୍ଲା ମହିଳା ସଭାପତି ଅନିତା ବେହେରା, ବରିଷ୍ଠ ଆଇନଜୀବୀ ଭାରତୀ ଦାସ ଏବଂ ସିଏମସିର ବିଭିନ୍ନ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ଏ ଶ୍ରୀଦେବୀ, ଦୀପ୍ତିମୟୀ ମୂଳିଆ ଓ ମୋନାଲିଶା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏଥି ସହ କର୍ପୋରେଟର ପୁଷ୍ପିତା ମହାନ୍ତି, ଇତିଶ୍ରୀ ଦାସ, ନମିତା ବାରିକଙ୍କ ସମେତ ଶତାଧିକ ମହିଳା କର୍ମୀ ସାମିଲ ହୋଇଥିଲେ।

ସକାଳ
THE SAKALA



# ଶିକ୍ଷକଙ୍କ ଗୁଣ୍ଡାଗର୍ଦ୍ଦି | ପ୍ରଧାନଶିକ୍ଷୟିତ୍ରୀଙ୍କୁ ଗାଳିଗୁଲଜ ଓ ଧମକ; ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

**ନିଶ୍ଚିନ୍ତକୋଇଲି,୮।୩(ସମିସ)**

ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ପାଟପୁର ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ସୀତାକାନ୍ତ ସାମଲଙ୍କ ବିବାଦୀୟ କାର୍ଯ୍ୟକଳାପ ଏବେ ସୀମା ଲଂଘିଛି। ଜଣେ ସରକାରୀ କର୍ମଚାରୀ ହୋଇ ମଧ ସେ ନିଜର କର୍ତ୍ତବ୍ୟ ଓ ଶୃଙ୍ଖଳାକୁ ଜଳାଞ୍ଜଳି ଦେଇ ଦୀର୍ଘ ଦିନ ଧରି ସାମାଜିକ ଗଣମାଧ୍ୟମରେ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ବିରୁଦ୍ଧରେ ଆପତ୍ତିଜନକ ମନ୍ତବ୍ୟ ଦେଇ ଆସୁଥିଲେ। ବିଶେଷ କରି ବ୍ଲକ ଶିକ୍ଷାଧିକାରୀ ସଂଯୁକ୍ତା ମହାପାତ୍ରଙ୍କୁ ଟାର୍ଗେଟ୍ କରି ସେ ବିଭ୍ରାନ୍ତିକର ବାର୍ତ୍ତା ପ୍ରସାର କରୁଥିଲେ, ଯାହା ଶିକ୍ଷକ ସମାଜକୁ ଅତିଷ୍ଠ କରିଥିଲା। ଶ୍ରୀ ସାମଲଙ୍କ ଏଭଳି ବେନିୟମ ଆଚରଣ ଯୋଗୁଁ କଟକ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି।

- ନିଲମ୍ବିତ ଶିକ୍ଷକ ସୀତାକାନ୍ତଙ୍କ ବିରୋଧରେ ଫେରାଦ
- ଜୀବନ ପ୍ରତି ଭୟ ଥିବା ଦର୍ଶାଇ ସୁରକ୍ଷା ଲୋଡ଼ିଲେ

ମାତ୍ର ନିଲମ୍ବିତ ହେବା ପରେ ନିଜ ସଂସ୍କାର ପରିବର୍ତ୍ତେ ସେ ଅଧିକ ଆକ୍ରମଣାତ୍ମକ ହୋଇଉଠିଛନ୍ତି। ନିକଟରେ ସେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପ୍ରିୟତମା ଚାନ୍ଦଙ୍କୁ ସାମାଜିକ ଗଣମାଧ୍ୟମରେ ଅତି ନୀଚସ୍ତରର ଗାଳିଗୁଲଜ କରିବା ସହ ଆପତ୍ତିଜନକ ମନ୍ତବ୍ୟ ଦେଇ ଅସମ୍ମାନିତ କରିଥିବା ଅଭିଯୋଗ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ମାନସିକ ନିର୍ଯାତନା ଦେବା ସହ ତାଙ୍କ କାର୍ଯ୍ୟରେ ବାଧା ସୃଷ୍ଟି କରିବା ପାଇଁ ଶ୍ରୀ ସାମଲ ଚେଷ୍ଟା କରୁଥିବା ଜଣାପଡ଼ିଛି। ସୀତାକାନ୍ତଙ୍କ ଏଭଳି ଉଦ୍ଧତ ମନୋଭାବ ଯୋଗୁଁ ନିଜ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଚାନ୍ଦ ଏବେ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ସେ ମଣ୍ଡଳ ଶିକ୍ଷାଧିକାରୀ, ଜିଲ୍ଲା ଶିକ୍ଷାଧିକାରୀ, କଟକ ଜିଲ୍ଲାପାଳ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ନିର୍ଦ୍ଦେଶକଙ୍କ ନିକଟରେ ଲିଖିତ ଅଭିଯୋଗ କରିବା ସହ ନିଜ ପାଇଁ ସୁରକ୍ଷା ଲୋଡ଼ିଛନ୍ତି। ଅପରପକ୍ଷରେ, ଶିକ୍ଷା ବିଭାଗ ଶ୍ରୀ ସାମଲଙ୍କୁ ସ୍ଥାୟୀ ଭାବେ କାର୍ଯ୍ୟରୁ ବହିଷ୍କାର କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରୁଥିବା ଜଣାପଡ଼ିଛି। ଏହି ଘଟଣା ସମଗ୍ର ବ୍ଲକର ଶିକ୍ଷା ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି।

# ଡ୍ରାଇଭରଙ୍କ ମୋବାଇଲ ଓ ଟଙ୍କା ଲୁଟ୍

**ନିଶ୍ଚିନ୍ତକୋଇଲି,୮।୩(ସମିସ):** ଥାନାଠାରୁ ମାତ୍ର ୧୦୦ ମିଟର ଦୂରରେ ଥିବା ଏକ ପେଟ୍ରୋଲ ପମ୍ପ ନିକଟରେ ଶନିବାର ବିଳମ୍ବିତ ରାତିରେ ଜଣେ ଟ୍ୟାଙ୍କର ଡ୍ରାଇଭର ଲୁଟ୍‌ର ଶିକାର ହୋଇଛନ୍ତି। ଉତ୍ତରପ୍ରଦେଶର ଡ୍ରାଇଭର ପଞ୍ଚମ ସିଂ ଟ୍ୟାଙ୍କର ରଖି ବିଶ୍ରାମ କରୁଥିବା ବେଳେ ୫ ଜଣ ଦୁର୍ବୃତ୍ତ ଏକ କାର୍‌ରେ ଆସି ଡିଆସିଲି ମାଗିବା ବାହାନାରେ ତାଙ୍କୁ ଆକ୍ରମଣ କରିଥିଲେ। ସେମାନେ ଡ୍ରାଇଭରଙ୍କଠାରୁ ନଗଦ ୨୫୦୦ ଟଙ୍କା, ମୋବାଇଲ୍ ଏବଂ ଜରୁରୀ କାଗଜପତ୍ର ଲୁଟି ନେଇ ଅଚ୍ୟୁତାନନ୍ଦ ମାର୍ଗ ଦେଇ ଫେରାର ହୋଇଯାଇଥିଲେ। ଦୁଇ ଦିନ ତଳେ ପଣସ ପଡ଼ିଆଠାରେ ଏକ ବ୍ୟବସାୟିକ ପ୍ରତିଷ୍ଠାନରୁ ଲୁଟ୍ ହୋଇଥିବା ବେଳେ, ପୁଲିସ ଏ ପର୍ଯ୍ୟନ୍ତ କାହାରିକୁ ଧରିବାରେ ସଫଳ ହୋଇନାହିଁ। ଥାନା ଆଇଆଇସି ସିସିଟିଭି ଫୁଟେଜ୍ ଯାଞ୍ଚ କରୁଥିଲେ ମଧ ଅପରାଧୀମାନେ ଏବେବି ଫେରାର ଅଛନ୍ତି। ବାରମ୍ବାର ଏଭଳି ରାହାଜାନୀ ବଢ଼ୁଥିବାରୁ ସ୍ଥାନୀୟ ବ୍ୟବସାୟୀ ଓ ସାଧାରଣ ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି।

# ବିସିଏ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ବରକୋଲିଆ ବିଜୟୀ



**ନିଶ୍ଚିନ୍ତକୋଇଲି,୮।୩(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନିପୁର ବଳଦେବଜୀଉ କ୍ରିକେଟ ଆସୋସିଏସନ୍ ଆନୁକୂଲ୍ୟରେ ଚାଲିଥିବା ବିସିଏ କପ୍ ଟୁର୍ଣ୍ଣାମେଣ୍ଟର କ୍ୱାଟର ଫାଇନାଲ ପ୍ରତିଯୋଗିତା ରବିବାର ଆରମ୍ଭ ହୋଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ମା' ବିରଞ୍ଚି ନାରାୟଣ କ୍ରିକେଟ ଟିମ୍ ବିଜୟୀ ହୋଇଛି। ବିସିଏର ପରିଚାଳକ ରମାକାନ୍ତ ପରିଡାଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସମାଜସେବୀ ଅଜୟ ରାଉତ ଯୋଗଦେଇ ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିବା ବେଳେ ଏଥିରେ ସମ୍ମାନିତ ଅତିଥି ଭାବେ ସନ୍ତୋଷ ପ୍ରଧାନ ଯୋଗଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚରେ ପ୍ରଥମେ ବରକୋଳିଆ କ୍ରିକେଟ ଟିମ୍ ବ୍ୟାଟିଂ କରି ନିର୍ଦ୍ଧାରିତ ୧୩ ଓଭରରେ ୫ ୱିକେଟ ହରାଇ ୮୯ ରନ୍ ସଂଗ୍ରହ କରିଥିଲା। ଜବାବରେ ଜେସିସି ନାଳିପଡିଆ ୧୩ ଓଭରରେ ସମସ୍ତ ୱିକେଟ ହରାଇ ୭୨ ରନ କରି ୧୭ ରନରେ ପରାସ୍ତ ହୋଇଥିଲା। ତପନ ସିଂ ଓ ରମାକାନ୍ତ ପରିଡା ଖେଳ ପରିଚାଳନା କରିଥିଲା ବେଳେ ତାପସ ରଞ୍ଜନ ଦାସ ଓ ଗୋପୀନାଥ ବେହେରା ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ପ୍ରଦୀପ୍ତ ଦାସ, ନିତ୍ୟାନନ୍ଦ ସ୍ୱାଇଁ, ଶୁବାଶିଷ ବେହେରା, ଅଶୋକ ରାଉତ ଓ ବିଜୟ ସାହୁ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

# ଅବିଭକ୍ତ କଟକ ଜିଲ୍ଲା ଠିକାଦାର ସଂଘର ବୈଠକ



**ସାଲେପୁର,୮।୩(ସମିସ):** ଅବିଭକ୍ତ କଟକ ଜିଲ୍ଲା ଠିକାଦାର ମହାସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଶିଶୁଆ ଡାକବଙ୍ଗଳାଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାଲେପୁର, ମାହାଙ୍ଗା, ନିଶ୍ଚିନ୍ତକୋଇଲି, ଟାଙ୍ଗୀ, ଜଗତପୁର ଅଞ୍ଚଳର ବହୁ ଠିକାଦାର ଯୋଗଦେଇ ସରକାରଙ୍କ ପକ୍ଷରୁ ନିର୍ମାଣ ହେଉଥିବା ବିଭିନ୍ନ କାର୍ଯ୍ୟ କିପରି ଉଚ୍ଚକୋଟୀର କରାଯିବ, ସରକାରଙ୍କ ନିର୍ଦ୍ଧାରିତ ସିଡ୍ୟୁଲ ମୂଲ୍ୟରେ ଟେଣ୍ଡର ପକାଇଲେ ସରକାରଙ୍କ ବିଭିନ୍ନ କାର୍ଯ୍ୟ ଉଚ୍ଚକୋଟୀର ହେବା ସହ ଠିକାଦାରମାନେ ମଧ କ୍ଷତିର ସମ୍ମୁଖୀନ ହେବେ ନାହିଁ। କୌଣସି ଠିକାଦାର କମ୍ ଦରରେ ଟେଣ୍ଡର ନ ପକାଇବା ପାଇଁ ମଧ ସଚେତନ କରାଯାଇଥିଲା। ସରକାରଙ୍କ ନିର୍ଦ୍ଧାରିତ ସିଡୁଲ ମୂଲ୍ୟ ଅନୁଯାୟୀ ସମସ୍ତ ଠିକାଦାରମାନେ ଟେଣ୍ଡର ପକାଇବା ପାଇଁ ପରାମର୍ଶ ଦିଆଯାଇଥିଲା। ଆଜିର ଏହି ବୈଠକରେ ଇସ୍ପିତ କର, ପରଭେଜ ଅଲ୍ଲୀ, ଚିତ୍ତରଞ୍ଜନ ଶତପଥି, ମିହିର ମିଶ୍ର, ବିଭୂତି ଭୂଷଣ ଦାଶ, ଆଶୁତୋଷ ପଟ୍ଟନାୟକ, ଲିପୁ ମଲ୍ଲ, ଦେବାଶିଷ ନାୟକ, ପି.କେ. ଦାଶ, ଦେବାଶିଷ ସାହୁ, ସଞ୍ଜୟ ଦଳାଇ, ବିଶ୍ୱଜିତ୍ ପଣ୍ଡା, ପ୍ରଭାତ ସ୍ୱାଇଁ, ଦେବୀ ପ୍ରସାଦ ଦାଶ, ଯଶୋବନ୍ତ ଦଳାଇ, ସମରଜିତ୍ ସ୍ୱାଇଁଙ୍କ ସମେତ ଶତାଧିକ ଠିକାଦାରମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ହମ୍ପ୍‌ସରେ ସଂକେତ ନ ଥିବାରୁ ବଢୁଛି ଦୁର୍ଘଟଣା

**କଟକ,୮।୩(ସମିସ):** ରାଜ୍ୟର ଅନ୍ୟତମ ବ୍ୟସ୍ତବହୁଳ ରାସ୍ତା ଭାବେ ବାଲିକୁଦା ତ୍ରିଶୂଳିଆ ରାସ୍ତାକୁ କିଛି ଭୁଲ ହେବ ନାହିଁ କାରଣ ରାତି ପାହିଲେ ଏହି ରାସ୍ତାଦେଇ ରାଜ୍ୟ ତଥା ରାଜ୍ୟ ବାହାରୁ ହଜାର ହଜାର ସଂଖ୍ୟାରେ ଗାଡି ମଟର ଏହି ରାସ୍ତାଦେଇ ଯିବା ଆସିବା କରିଥାନ୍ତି। ମାତ୍ର ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ଏହି ରାସ୍ତାରେ ପ୍ରତ୍ୟେକ ଦିନ ଛୋଟ ବଡ ଦୁର୍ଘଟଣା ଘଟୁଛି।



କିଛିଦିନ ତଳେ ଏହି ରାସ୍ତାର ଆଚାର୍ଯ୍ୟ ହରିହର ବିଦ୍ୟାପୀଠ ଓ ହନୁମାନ ଛକ ନିକଟ ଗୋଲେଇ ଛକଠାର ବିଭିନ୍ନ ସ୍ଥାନରେ ରାସ୍ତା ସବୁ କଦର୍ଯ୍ୟ ହୋଇପଡିଥିଲା। ଏ ସଂକ୍ରାନ୍ତରେ ବିଭାଗୀୟ ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ସେ ଏହି ରାସ୍ତାକୁ ମରାମତି କରିଥିଲେ। କିନ୍ତୁ ବିଭିନ୍ନ ସ୍ଥାନରେ ଥିବା ହମ୍ପସରେ ଧଳା ଚିହ୍ନ ଦେବାକୁ ଭୁଲିଗଲେ ଯାହାକି ଦ୍ରୁତ ଗତିରେ ଆସୁଥିବା ଗାଡିଗୁଡିକ ହଠାତ ଜାଣି ନ ପାରି ଦୁର୍ଘଟଣାର ଶିକାର ହେଉଛନ୍ତି। ମରାମତି କାମ ସରିବାର ପ୍ରାୟ ଏକ ମାସ ହୋଇଗଲାଣି କିନ୍ତୁ ବିଭାଗ ତରଫରୁ ଏଠାରେ ହମ୍ପସ ଅଛି ବୋଲି କିଛି ସଂକେତ ନ ଥିବାରୁ ଅଯଥାରେ ଗାଡି ଗୁଡିକର ଯନ୍ତ୍ରାଂଶ ଖରାପ ହେଉଥିବାବେଳେ ଦୁର୍ଘଟଣାର ଶିକାର ହେଉଛନ୍ତି। ବିଭାଗୀୟ ତରଫରୁ ଏଠାରେ ଧଳା ଚିହ୍ନ ଦେବାକୁ ସାଧାରଣରେ ଦାବି ହେଉଛି।

# ନନ୍ଦନକାନନରେ ଜଙ୍ଗଲୀ କୁକୁର ମୃତ

**ବାରଙ୍ଗ,୮।୩(ସମିସ):** ପ୍ରାଣୀ ଉଦ୍ୟାନ ନନ୍ଦନକାନନର ୨୨ନମ୍ବର ଖୁଆଡରେ ରହୁଥିବା ଏକ ୫ବର୍ଷର ଅଣ୍ଡିରା ଜଙ୍ଗଲୀ କୁକୁର ଶନିବାର ମୃତ୍ୟୁବରଣ କରିଛି। ମୃତ୍ୟୁର ପ୍ରକୃତ କାରଣ ଜଣାପଡି ନ ଥିବା ବେଳେ ହଠାତ୍ ଜଙ୍ଗଲୀ କୁକୁରଟି ତା ଖୁଆଡ୍ ମଧ୍ୟରେ ବିଚରଣ କରୁଥିବା ବେଳେ ଶୁକ୍ରବାର ଦିନ ତଳେ ପଡିଯାଇଥିଲା। ଏହା ପରେ ତାକୁ ଡାକ୍ତରଖାନାକୁ ଅଣାଯାଇ ତା ସ୍ୱାସ୍ଥ୍ୟବସ୍ଥା ଅନୁଧ୍ୟାନ କରାଯାଇ ଡାକ୍ତରଙ୍କ ନଜର ବନ୍ଦୀରେ ରଖାଯାଇ ଚିକିତ୍ସା ଆରମ୍ଭ ହେବା ସହ ସାଲାଇନ ଓ ଇଞ୍ଜେକସନ ଦିଆଯାଇଥିଲା। କିନ୍ତୁ ଜଙ୍ଗଲୀ କୁକୁରକୁ ଡାକ୍ତରମାନେ ବଞ୍ଚାଇପାରି ନ ଥିଲେ। ଶନିବାର ଦିନ ତାର ମୃତ୍ୟୁ ଘଟିଥିଲା। ତେବେ ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି କୁହାଯାଉଥିବା ବେଳେ ନନ୍ଦନକାନନରେ ଏମାନଙ୍କ ସଂଖ୍ୟା ହ୍ରାସ ପାଇ ୩ରେ ପହଞ୍ଚିଛି।

# ପଦ୍ମଶ୍ରୀ ଉତ୍ସବ ଦାସଙ୍କ ଶ୍ରଦ୍ଧାଞ୍ଜଳି ସଭା




**ଚୌଦ୍ୱାର,୮।୩(ସମିସ):** ପାରମ୍ପରିକ ଲୋକକଳା ଚଇତି ଘୋଡ଼ାନାଚ ନୃତ୍ୟଗୁରୁ ତଥା ନୃତ୍ୟ ଶିଳ୍ପୀ ପଦ୍ମଶ୍ରୀ ଡ. ଉତ୍ସବ ଚରଣ ଦାସଙ୍କ ପରଲୋକରେ ଏକ ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ ଶିଶୁ ସଦନରେ ଅନୁଷ୍ଠିତ ହୋଇଯାଇଛି। ହିନ୍ଦୁ ସେବକ ସଂଘ ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁଙ୍କ ପୌରହିତ୍ୟରେ ଆୟୋଜିତ ଏହି ସଭାରେ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ଦାସଙ୍କ କଳାକାର ଜୀବନର ବିଭିନ୍ନ କୃତି ସମ୍ପର୍କରେ ଆଲୋଚନା କରି ଲୁପ୍ତପ୍ରାୟ ଓଡ଼ିଶାର ପାରମ୍ପରିକ ଲୋକକଳା ଚଇତି ଘୋଡ଼ା ନାଚର ସୁରକ୍ଷା, ବିକାଶ ଓ ପ୍ରଚାର ପ୍ରସାର ଦିଗରେ ତାଙ୍କର ମହତ୍ ଅବଦାନ ତାଙ୍କୁ ଚୀର ସ୍ମରଣୀୟ କରି ରଖିବ ବୋଲି ମତବ୍ୟକ୍ତ କରିଥିଲେ। ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଚୌଦ୍ୱାର ସାହିତ୍ୟ ସଂସଦ ସଭାପତି ବିଶ୍ୱକଲ୍ୟାଣ ଦାସ, ସମ୍ପାଦକ ଦିବ୍ୟଜ୍ୟୋତି ପାଣି, ଡ. ବିଚିତ୍ରାନନ୍ଦ ସ୍ୱାଇଁ, ଟେଟ୍ରାହେଡ୍ରନ୍ ମୁଖ୍ୟ ତ୍ରିଦେବ ବେହେରା, ବିଷ୍ଣୁ ଚରଣ ପରିଡ଼ା, ଶରତ ଚନ୍ଦ୍ର ସ୍ୱାଇଁ, ରବିନ୍ଦ୍ର ସାହୁ, ପଞ୍ଚାନନ ବେହେରା, ବିଷ୍ଣୁ ଚରଣ ସାହୁ, ବୈରାଗୀ ଚରଣ ପ୍ରଧାନ, ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ଅଜିନୀ ବେହେରା, ଅଶୋକ ନାୟକ ପ୍ରମୁଖ ସ୍ୱର୍ଗତ ଦାସଙ୍କୁ ଚୌଦ୍ୱାର ତଥା ଓଡ଼ିଶାର ଗର୍ବ ଭାବେ ଅବିହିତ କରି ତାଙ୍କ ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଇମ୍ଫାର ବରିଷ୍ଠ ଲୋକସମ୍ପର୍କ ମ୍ୟାନେଜର ମାନସ ବସନ୍ତିଆ, ପିଆରଓ ଅଭିଷେକ ଘୋଷ, ପ୍ରଶାନ୍ତ ହୋତା, ପ୍ରକାଶ ଚନ୍ଦ୍ର ବଡ଼ଜେନା, ବିଜୟ ବେହେରା, ମୋନାଲିସା ଦାସ, ହରିହର ପରିଡ଼ା, ରାଜୀବ ମହାନ୍ତି, ମଙ୍ଗରାଜ ବେହେରା, ରମେଶ ଚନ୍ଦ୍ର ନାୟକ, ନୂଆସାହି ବରିଷ୍ଠ ନାଗରିକ ସଂଘର ନିକୁଞ୍ଜ ବିହାରୀ ପଣ୍ଡା, ରଘୁନାଥ ସ୍ୱାଇଁଙ୍କ ସମେତ ସ୍ଥାନୀୟ ବହୁ ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ତଥା ଯୁବବର୍ଗ ସ୍ୱର୍ଗତ ଦାସଙ୍କ ସ୍ମୃତିଚାରଣ କରି ତାଙ୍କ ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରାରମ୍ଭରେ ଶିଶୁ ସଦନର ଅନ୍ତେବାସୀଙ୍କ ଦ୍ୱାରା ସମୁହ ବେଦ ଆବୃତ୍ତି ଓ ସର୍ବଧର୍ମ ପ୍ରାର୍ଥନା କରାଯାଇଥିଲା।

# କୃଷି କୃଷକ ଆଞ୍ଚଳିକ ସଂଗଠନ ଗଠିତ



**ଟାଙ୍ଗୀ,୮।୩(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ ଶାଳଗାଁ ପଞ୍ଚାୟତ ନାଣ୍ଡୁଆ ଗ୍ରାମରେ କୃଷି ଓ କୃଷକର ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ସରପଞ୍ଚ ପ୍ରବୀର ଦାଶଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଡ଼ ରଞ୍ଜନ ମହାନ୍ତ, ସମ୍ମାନିତ ଅତିଥିଭାବେ ପଞ୍ଚାୟତ ସମିତି ଉପାଧ୍ୟକ୍ଷା ସୁପ୍ରୀୟା ଜେଠୀ, ଯୁବ ସମାଜସେବୀ ଗଙ୍ଗାଧର ବେହେରା, ସାମ୍ବାଦିକ ପ୍ରକାଶ ନାୟକ ପ୍ରମୁଖ ଯୋଗଦେଇ କୃଷି ଓ କୃଷକର ବିକାଶ ନିମନ୍ତେ କିଚେନ ଗାର୍ଡେନ ସହ ବିଭିନ୍ନ ଫସଲ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ କୃଷକଙ୍କ ଏକତା ନିମନ୍ତେ କୃଷି ଓ କୃଷକ ଆଞ୍ଚଳିକ ସଂଗଠନ ଗଠନ କରାଯାଇଥିଲା। ସଭାପତି ଭାବେ ପ୍ରବୀର ଦାଶ, ଉପସଭାପତି ଧ୍ରୁବ ଚରଣ ବେହେରା, ଚନ୍ଦ୍ରମୋହନ ସାହୁ, ସୁବାଷ ଯତି, ସମ୍ପାଦକ ମାଧବ ମହାନ୍ତି, ସହସମ୍ପାଦକ ଭଗବାନ ରାଉତ, ଡମ୍ବୁରୁଧର ନାୟକ ଏବଂ କୋଷାଧ୍ୟକ୍ଷ ଭାବେ ଅନନ୍ତ ଚରଣ ନାୟକ ଏଥିସହ ଉପଦେଷ୍ଟା ଭାବେ ସ୍ଥାନୀୟ ସରପଞ୍ଚ ପବିତ୍ର ମୋହନ ଉପାଧ୍ୟାୟଙ୍କ ସମେତ ଆଜିର ସମସ୍ତ ଅତିଥିଙ୍କୁ ମନୋନୀତ କରାଯାଇଥିଲା। ଶେଷରେ ବିଷ୍ଣୁ ଚରଣ ରାଉତ ଧନ୍ୟବାଦ ଦେଇଥିଲେ।

# ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ସ୍ମୃତିସଭା



**ଚୌଦ୍ୱାର,୮।୩(ସମିସ):** ସ୍ଥାନୀୟ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ପଦ୍ମଶ୍ରୀ ଡ. ଉତ୍ସବ ଚରଣ ଦାସଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ବିବେକାନନ୍ଦ ସାହିତ୍ୟ ସଂସଦ ସଭାପତି ସିଦ୍ଧେଶ୍ୱର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ ଓ ସିଦ୍ଧଗିରି ମହନ୍ତ ବିଶ୍ୱନାଥ ଦାସ ସ୍ୱର୍ଗତ ଦାସଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରି ଓଡ଼ିଶାର ଲୋକକଳା ଘୋଡ଼ାନାଚକୁ ବିଶ୍ୱ ଦରବାରରେ ପହଞ୍ଚାଇବାରେ ଡ. ଦାସଙ୍କ ନିରନ୍ତର ପ୍ରୟାସ ଅତୁଳନୀୟ ବୋଲି ପ୍ରକାଶ କରି ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରଦ୍ୟୁମ୍ନ ସାହୁ, ହରେକୃଷ୍ଣ ସାହୁ, ପରମାନନ୍ଦ ସାହୁ, ଡ. ସୁଲିପ୍ତ ମହାନ୍ତି, ଦୀପ୍ତି ରଞ୍ଜନ ସାହୁ, ରାମଚନ୍ଦ୍ର ମହାରଣା, ତିଳୋତ୍ତମା ମହାରଣା ପ୍ରମୁଖ ସ୍ମୃତିଚାରଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଅକ୍ଷୟ ନାୟକ ଧନ୍ୟବାଦ ଦେଇଥିଲେ।

# କାୟାକଳ୍ପ ଟିମ ପକ୍ଷରୁ ସ୍ୱାସ୍ଥ୍ୟକେନ୍ଦ୍ର ମୂଲ୍ୟ ନିର୍ଦ୍ଧାରଣ

**ତିଗିରିଆ,୮।୩(ସମିସ):** ତିଗିରିଆ ବ୍ଲକ ବଡନାଉପୁଟ ପଞ୍ଚାୟତ ଅଧୀନ ଖଣ୍ଡହତା ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଜି ଭିଡିଓ



କନଫରେନ୍ସ ଜରିଆରେ କାୟାକଳ୍ପର ଦୁଇ ଜଣିଆ ଟିମ ତରଫରୁ ସ୍ୱାସ୍ଥ୍ୟ କେନ୍ଦ୍ରର ବିଭିନ୍ନ କାଗଜପତ୍ର, ସରକାରୀ ଯୋଜନା କାର୍ଯ୍ୟକାରୀ ଆଦି ତଦାରଖ କରିବା ସହ ଏହାର ମୂଲ୍ୟାୟନ କରିଛନ୍ତି। ବ୍ଲକ ମେଡ଼ିକାଲ ଅଫିସର ଡାକ୍ତର ମନୋରଞ୍ଜନ ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ପରିସଂଖ୍ୟାନ ସହାୟକ ମନମୋହନ ଦାଶ, ବ୍ଲକ ଡାଟା ମ୍ୟାନେଜର ରଶ୍ମିରଞ୍ଜନ ସ୍ୱାଇଁ ଓ ସୂର୍ଯ୍ୟମଣି ସାହୁ, ସିଏଚଓ ମନୋରମା ଜେନା, ମହିଳା ସ୍ୱାସ୍ଥ୍ୟକର୍ମୀ ବନଲତା ବାରିକ, ସଞ୍ଜୟ ରାଉତଙ୍କ ସମେତ ଆଶା କର୍ମୀ ଉପସ୍ଥିତ ଥିଲେ।

# ପଦ୍ମଶ୍ରୀ ଶରତ ପାତ୍ରଙ୍କୁ ସମ୍ବର୍ଦ୍ଧନା



**ତିଗିରିଆ,୮।୩(ସମିସ):** ପଦ୍ମଶ୍ରୀ ଉପାଧି ପାଇଁ ମନୋନୀତ ତିଗିରିଆ ବ୍ଲକ ନୂଆପାଟଣା ଅଞ୍ଚଳର ବିଶିଷ୍ଟ ବାନ୍ଧ ଶିଳ୍ପୀ ଶରତ କୁମାର ପାତ୍ରଙ୍କୁ ଭାରତୀୟ ନିଃଶୁଳ୍କ ଯୋଗ ସଂସ୍ଥାନ, ନୂଆଦିଲ୍ଲୀ ଦ୍ୱାରା ପରିଚାଳିତ ନୂଆପାଟଣା ଯୋଗ ଜିଲ୍ଲା ପକ୍ଷରୁ ଜିଲ୍ଲା ପ୍ରଧାନ ଦୁର୍ଯ୍ୟୋଧନ ସାହୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମନ୍ତ୍ରୀ ମହେନ୍ଦ୍ର ସାହୁ, ଜିଲ୍ଲା ସଂଗଠନ ମନ୍ତ୍ରୀ ପ୍ରଭାକର ରାଉତଙ୍କ ସମେତ କ୍ଷେତ୍ର ଅଧିକାରୀ, ସାଧକ, ସାଧିକା ଉପସ୍ଥିତ ଥିଲେ। ଏହି ଅବସରରେ ସମସ୍ତ କର୍ମକର୍ତ୍ତା ଶ୍ରୀ ପାତ୍ର ଅଞ୍ଚଳ ପାଇଁ ଗୌରବ ଆଣିବା ସହ ବାନ୍ଧଶିଳ୍ପରେ ତାଙ୍କର ଉଲ୍ଲେଖଯୋଗ୍ୟ ଅବଦାନ ଯୁବ ବୁଣାକାରଙ୍କ ପାଇଁ ପ୍ରେରଣାର ଉତ୍ସ ହେବେ ବୋଲି ମତବ୍ୟକ୍ତ କରିଥିଲେ।

# କାର୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

**ବାରଙ୍ଗ,୮।୩(ସମିସ):** ଶନିବାର ରାତିରେ ବାରଙ୍ଗ ମେଡିକାଲ ଛକ ନିକଟରେ ଏକ ନାଲିରଙ୍ଗର କାର ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ଦାଢ଼ାପାଟଣା ଗ୍ରାମର ସୁଶାନ୍ତ ମହାରଣା। ପ୍ରକାଶ ଯେ ଦାଢ଼ାପାଟଣା ଗ୍ରାମର ଗୋବିନ୍ଦ ମହାରଣାଙ୍କ ଏକମାତ୍ର ପୁଅ ସୁଶାନ୍ତ ମହାରଣା ଚନ୍ଦକା ବନ ବିଭାଗରେ ଚାକିରି କରନ୍ତି। ସେ ଶନିବାର ରାତିରେ ସ୍କୁଟି ଯୋଗେ ଘରକୁ ଫେରୁଥିବା ବେଳେ ନନ୍ଦନକାନନ-ବାରଙ୍ଗ ରାସ୍ତାର ମେଡିକାଲ ଛକ ନିକଟରେ ଏକ ନାଲି ରଙ୍ଗର କାର ତାଙ୍କୁ ଧକ୍କା ଦେଇ ଦ୍ରୁତଗତିରେ ପଳାଇ ଯାଇଥିଲା। ପୁଲିସ ତାଙ୍କୁ ଚିକିତ୍ସା ପାଇ କଟକ ମେଡିକାଲକୁ ନେଇଥିବା ବେଳେ ବିଳମ୍ବିତ ରାତିରେ ଡାକ୍ତର ମୃତ ଘୋଷଣା କରିଥିଲେ। କେନ୍ଦ୍ର ଗୃହମନ୍ତ୍ରୀଙ୍କ ଗସ୍ତ ପାଇ ରାସ୍ତାରୁ ହମ୍ପସ ହଟାଯିବା ପରେ ଗାଡ଼ିଗୁଡ଼ିକ ଦ୍ରୁତ ଗତିରେ ଯାତାୟାତ କରିବାରୁ ଏଭଳି ଅଘଟଣ ଘଟିଲା ବୋଲି ସ୍ଥାନୀୟ ଲୋକ ଅଭିଯୋଗ ଆଣିଛନ୍ତି।

# ବିଦ୍ୟାଳୟରେ ବିଭିନ୍ନ ପ୍ରତିଯୋଗିତା



**ନରସିଂହପୁର,୮।୩(ସମିସ):** ବାଲିସାହି ସ୍ଥିତ ପିଏମ୍ ଶ୍ରୀ ମୁକ୍ତନାଥ ନୋଡାଲ ବିଦ୍ୟାପୀଠରେ ଆଜି ଛାତ୍ରଛାତ୍ରୀମାନଙ୍କର ବୈଜ୍ଞାନିକ ଓ ବୁଦ୍ଧିମତାମୂଳକ ଦକ୍ଷତା ବିକାଶ ପାଇଁ ଗଣିତ ସର୍କଲ, ସାଇନ୍ସ ସର୍କଲ୍ ଓ କ୍ୱିଜ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ଆଲୋକ ସାହୁଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମଟି ସଫଳତାର ସହ ସମ୍ପନ୍ନ ହୋଇଥିଲା। ଏହି ଅବସରରେ ବିଦ୍ୟାଳୟ ପରିଚାଳନା ଅଧ୍ୟକ୍ଷ ସୁରେଶ ପ୍ରଧାନ ଓ କାଉନସିଲର ମନୋରମା ସେଠୀ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ସୁଚିତ୍ରାରାଣୀ ରାଉତ, ସଞ୍ଜିବନୀ ପାଣିଗ୍ରାହୀ, ପୂର୍ଣ୍ଣଚନ୍ଦ୍ର ସାହୁ, ଝରଣା ସାହୁ, ଶ୍ୟାମ ସୁନ୍ଦର ମଲ୍ଲିକ, ସୁଜାତା ପ୍ରଧାନ ଓ ସନ୍ତୋଷ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

## କାଠ ମାଫିଆଙ୍କ ଅଭୟାରଣ୍ୟ ନିଶ୍ଚିନ୍ତକୋଇଲି

# କେନାଲ ବନ୍ଧରୁ ଲୁଟିନେଲେ ମୂଲ୍ୟବାନ ଗଛ

**ନିଶ୍ଚିନ୍ତକୋଇଲି,୮।୩(ସମିସ)**

ସରକାର ପରିବେଶ ସୁରକ୍ଷା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ, ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ କାଠ ମାଫିଆମାନେ ଏହାର ଖୋଲାଖୋଲି ଉଲ୍ଲଂଘନ କରୁଛନ୍ତି। କେନ୍ଦୁପାଟଣା ଜଳସମ୍ପଦ ବିଭାଗ ଅଧୀନରେ ଥିବା ୮ ନମ୍ବର କେନାଲ ବନ୍ଧ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଶହ ଶହ ବର୍ଷର ପୁରାତନ ତଥା ମୂଲ୍ୟବାନ ଜୀବନ୍ତ ଗଛକୁ ଦୁର୍ବୃତ୍ତମାନେ ଯନ୍ତ୍ର ସାହାଯ୍ୟରେ କାଟି ନେଉଛନ୍ତି। ଦିବାଲୋକରେ ଟ୍ରାକ୍ଟର ସାହାଯ୍ୟରେ କାଠ ବୋଝେଇ ହୋଇ ଚୋରା ଚାଲାଣ ହେଉଥିଲେ ହେଁ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ଅଭିଯୋଗ ହେଉଛି ଯେ ସମ୍ପୃକ୍ତ କାଠ ମାଫିଆମାନେ ସ୍ଥାନୀୟ ପ୍ରଭାବଶାଳୀ ରାଜନେତାଙ୍କ ଛତ୍ରଛାୟା ତଳେ ରହି ଏହି କଳା କାରନାମା ଜାରି ରଖିଛନ୍ତି। ସ୍ଥାନୀୟ ପୁଲିସ, ତହସିଲ ପ୍ରଶାସନ ଏବଂ ବନ ବିଭାଗ ସବୁ ଜାଣିଶୁଣି ନିରବଦ୍ରଷ୍ଟା ସାଜିଛନ୍ତି।

- ପ୍ରଶାସନିକ ନିରବତା ଯୋଗୁଁ ବଢୁଛି ଅରାଜକତା
- ବନ ବିଭାଗ ସାଜିଛି ନିରବଦ୍ରଷ୍ଟା; ଅବାଧରେ ଚାଲିଛି ଗଛ କଟା

କେବଳ କେନାଲ ବନ୍ଧ ନୁହେଁ, ବରଂ ନିଶ୍ଚିନ୍ତକୋଇଲି କାଜିହାଟ ଗ୍ରାମ୍ୟ ଉନ୍ନୟନ ରାସ୍ତା, ଅସୁରେଶ୍ୱର ନଦୀବନ୍ଧ ଏବଂ ସୁଭଦ୍ରା ମହତାବ ମହାବିଦ୍ୟାଳୟ ପରିସରରୁ ମଧ ଅନୁରୂପ ଭାବେ ଗଛ କଟାଯାଇ ଲୁଟି ନିଆଯାଇଛି। ଏହି ଲୁଟ୍ ଘଟଣାରେ ଜଳ ସମ୍ପଦ ବିଭାଗୀୟ ଅଧିକାରୀଙ୍କ ପ୍ରଚ୍ଛନ୍ନ ହାତ ଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଜୋରଦାର ଆଲୋଚନା ହେଉଛି। ଯଦି ଏହିଭଳି ଭାବେ ଅବିଚାରିତ ଭାବେ ବୃକ୍ଷ ନିପାତ ଜାରି ରହେ, ତେବେ ଆଗାମୀ ଦିନରେ ନିଶ୍ଚିନ୍ତକୋଇଲି ଅଞ୍ଚଳ ସମ୍ପୂର୍ଣ୍ଣ ବୃକ୍ଷଶୂନ୍ୟ ହେବାର ଆଶଙ୍କା ଦେଖାଦେଇଛି। ପରିବେଶର ସନ୍ତୁଳନ ରକ୍ଷା କରୁଥିବା ଏହି ପୁରାତନ ବୃକ୍ଷଗୁଡ଼ିକର ସୁରକ୍ଷା ପାଇଁ କାଠ ମାଫିଆଙ୍କ ବିରୋଧରେ ତୁରନ୍ତ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏହି ଘଟଣାରେ କାହାର ହାତ ରହିଛି, ତାହାର ଉଚ୍ଚସ୍ତରୀୟ ତଦନ୍ତ କରାଯିବା ନିହାତି ଆବଶ୍ୟକ ହୋଇପଡ଼ିଛି।

